

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୬୭ ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୦୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.167 Bhubaneswar, Saturday, March 01, 2025

## ପଞ୍ଚଭୂତରେ ବିଲୀନ ହେଲେ ଉତ୍ତମ ମହାନ୍ତି







ଭୁବନେଶ୍ୱର,୨୮/୨: ପଞ୍ଚଭୂତରେ ଲୀନ ହେଲା ସୁପରଷ୍ଟାର ଉତ୍ତମ ମାହାନ୍ତିଙ୍କ ପାର୍ଥିବ ଶରୀର। ସତ୍ୟନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦ ସହ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ବାବୁଶାନ ମୁଖାଗ୍ନି ଦେଇଥିଲେ। ଓଲିଉଡ୍‌ର ବରିଷ୍ଠ ଅଭିନେତା ତଥା ପ୍ରଥମ ଓଡ଼ିଆ ସୁପରଷ୍ଟାର ଉତ୍ତମ ମହାନ୍ତି ଗତ କିଛିମାସ ହେଲା ଲିଭର ସିରୋସିସ୍‌ରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ଗୁରୁଗ୍ରାମର ମେଦାନ୍ତ ହସ୍‌ପିଟାଲରେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପରଲୋକରେ ସାରା ଓଡ଼ିଶାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଗତ ୬ ତାରିଖରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ୮ ତାରିଖରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା । ତେବେ ୨୦ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଗତକାଲି ଚିରବିଦାୟ ନେଇଛନ୍ତି ଉତ୍ତମ। ବାରିପଦାରେ ଜନ୍ମଗ୍ରହଣ କରିଥିବା ଉତ୍ତମ କଲେଜ ପଢ଼ିବା ସମୟରେ ବିଭିନ୍ନ ମଞ୍ଚ ନାଟକରେ ଅଭିନୟ ଆରମ୍ଭ କରିଥିଲେ। ବାଣିଜ୍ୟରେ ସ୍ନାତକ ପାଠ୍ୟକ୍ରମ ଶେଷପରେ ବଡ଼ ଭାଇ ଅରୁଣ କୁମାର ମହାନ୍ତିଙ୍କ ପାଖରେ କଲିକତାରେ ରହି ଚାଟାର୍ଡ ଆକାଉଣ୍ଟାଣ୍ଟ ପାଠ୍ୟକ୍ରମ ଶେଷ କରିଥିଲେ। ମାତ୍ର ଅଭିନୟ ପ୍ରତି ପ୍ରଗାଢ଼ ମୋହ ତାଙ୍କୁ ସିନେମାକୁ ଟାଣି ଆଣିଥିଲା। ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅଭିମାନ'ରୁ ଚଳଚ୍ଚିତ୍ର ଅଭିନୟର ଯାତ୍ରା ଆରମ୍ଭ କରିବା ପରେ ଆଉ ପଛକୁ ଚାହିଁ ନ ଥିଲେ। ଗୋଟିକ ପରେ ଗୋଟିଏ ସୁପରହିଟ୍ ସିନେମାରେ ଅଭିନୟ କରି ଓଲିଉଡ୍‌ର ମେରୁଦଣ୍ଡ ଭାବରେ ଠିଆ ହୋଇଥିଲେ। ନିଖୁଣ ଅଭିନୟ ନିମନ୍ତେ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ଜୟଦେବ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୧୯୮୭ରେ ସେ ଅଭିନେତ୍ରୀ ଅପରାଜିତାଙ୍କୁ ବିବାହ କରିଥିଲେ ।

## ଷ୍ଟକବଜାର ପାଇଁ କଳା ଶୁକ୍ରବାର

### ୪୧୪ ପଏଣ୍ଟ ଖସିଲା ସେନସେକ୍ସ



ମୁମ୍ବାଇ,୨୮/୨: ବିଶ୍ୱ ବାଣିଜ୍ୟରେ ଅସ୍ଥିରତା ଏବଂ ଶୁଳ୍କ ଯୁଦ୍ଧ କାରଣରୁ ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ଅସ୍ଥିରତା ଦେଖାଦେଇଛି । ଏହାର ପ୍ରଭାବରୁ ଭାରତୀୟ ଷ୍ଟକ ବଜାରରେ କ୍ରମାଗତ ହ୍ରାସ ଘଟୁଛି । ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେୟାର ବଜାରରେ ଉଲ୍ଲେଖନୀୟ ହ୍ରାସ ରେକର୍ଡ କରାଯାଇଛି। ନିଫ୍ଟି-୫୦ ଏବଂ ସେନସେକ୍ସ ଗତ ବର୍ଷ ସେପ୍ଟେମ୍ବର ମାସରେ ଥିବା ନିଜ ନିଜର ସର୍ବୋଚ୍ଚ ସ୍ତରରୁ ଏପର୍ଯ୍ୟନ୍ତ ୧୬ ପ୍ରତିଶତ ହ୍ରାସ ପାଇସାରିଲେଣି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସୂଚକାଙ୍କ ସେନସେକ୍ସ ଆଜି ୧.୯୦ ପ୍ରତିଶତ ବା ୧୪୧୪ ପଏଣ୍ଟ ହ୍ରାସ ପାଇ ୭୩,୧୯୮ରେ ବନ୍ଦ ହୋଇଛି। ବଜାର ବନ୍ଦ ସମୟରେ ସେନସେକ୍ସରେ ଥିବା ୩୦ଟି ଷ୍ଟକ ମଧ୍ୟରୁ ୨୯ଟି ଲାଲ ରଙ୍ଗରେ ଥିଲା, ଅର୍ଥାତ ହ୍ରାସ ପାଇଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧.୮୭ ପ୍ରତିଶତ ବା ୪୨୨ ପଏଣ୍ଟ ହ୍ରାସ ପାଇ ୨୨,୧୨୨ରେ ବନ୍ଦ ହୋଇଛି। ବଜାର ବନ୍ଦ ବେଳକୁ ନିଫ୍ଟିର ୫୦ଟି ଷ୍ଟକ ମଧ୍ୟରୁ ୫ଟି ସବୁଜ ରଙ୍ଗରେ (ବୃଦ୍ଧି) କାରବାର କରୁଥିବା ବେଳେ ୪୫ଟି ଷ୍ଟକ ଲାଲ ରଙ୍ଗରେ(ହ୍ରାସ) କାରବାର କରୁଥିଲା। ନିଫ୍ଟିରେ ସର୍ବାଧିକ ହ୍ରାସ ଟେକ ମହିନ୍ଦ୍ରାରେ ଦେଖାଯାଇଛି ଯାହାକି ୬.୩୦ ପ୍ରତିଶତ ହ୍ରାସ ପାଇଛି । ସେହିପରି ଇଣ୍ଡସଇଣ୍ଡ ବ୍ୟାଙ୍କରେ ୬.୨୫ ପ୍ରତିଶତ, ଓ୍ୱିପ୍ରୋରେ ୫.୮୭ ପ୍ରତିଶତ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ ୫.୩୩ ପ୍ରତିଶତ ଏବଂ ଭାରତୀ ଏୟାରଟେଲରେ ୪.୮୭ ପ୍ରତିଶତ ହ୍ରାସ ଘଟିଛି। ଅପରପକ୍ଷରେ ଏଚଡିଏଫସି ବ୍ୟାଙ୍କରେ ସର୍ବାଧିକ ୧.୭୮ ପ୍ରତିଶତ, ଶ୍ରୀରାମ ଫାଇନାନ୍ସରେ ୧.୭୬ ପ୍ରତିଶତ, କୋଲ ଇଣ୍ଡିଆରେ ୧.୩୭ ପ୍ରତିଶତ, ଟ୍ରେଣ୍ଟରେ ୦.୯୮ ପ୍ରତିଶତ ଏବଂ ହିଣ୍ଡାଲକୋରେ ୦.୪୪ ପ୍ରତିଶତ ବୃଦ୍ଧି ଘଟିଛି।

## ଉତ୍ତମଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ହୋଇଛି: ରାଷ୍ଟ୍ରପତି



ଭୁବନେଶ୍ୱର,୨୮/୨: ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିଥିବା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଆଉ ନାହାନ୍ତି। ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ତେବେ ଉତ୍ତମ ମହାନ୍ତିଙ୍କ ବିୟୋଗକୁ ନେଇ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ନିଜ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଶ୍ରୀ ଉତ୍ତମ ମହାନ୍ତିଙ୍କ ବିୟୋଗ ସମ୍ବାଦ ଜାଣି ମୁଁ ମର୍ମାହତ । ଶ୍ରୀ ମହାନ୍ତି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରର ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଜଣେ ମିଷ୍ଟଭାଷୀ ଓ ଅମାୟିକ ଭଦ୍ରବ୍ୟକ୍ତି ଭାବରେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ଥିଲେ । ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ହୋଇଛି । ତାଙ୍କ ପରିବାରବର୍ଗ ଓ ପ୍ରଶଂସକମାନଙ୍କୁ ସମବେଦନା ଜଣାଉଛି' । ସେହିପରି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶୋକବାର୍ତ୍ତାରେ କହିଛନ୍ତି ଯେ, 'ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ତଥା କିମ୍ବଦନ୍ତୀ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। କଳା ଜଗତରେ ଏହା ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନେକ ଚଳଚ୍ଚିତ୍ରରେ ସେ ଛାଡ଼ି ଯାଇଥିବା ଛାପ ଲୋକଙ୍କ ହୃଦୟରେ ତାଙ୍କୁ ଚିର ଅମର କରି ରଖିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି'।

## ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮/୨: ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ୧ ମାସ ଅଛି। ତେଣୁ ରାଜ୍ୟ ସରକାର ଚଳିତ ବଜେଟ୍‌ରେ ବିଭିନ୍ନ ବିଭାଗକୁ ଯେଉଁ ଅର୍ଥ ବରାଦ କରିଥିଲେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ତା'ର ଅନ୍ୟୁନ ୮୫% ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୀୟ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ ବଜେଟର ୮୧% ଥିବାରୁ ଚଳିତ ବର୍ଷ ଏହାକୁ ବଢ଼ାଇବାକୁ କୁହାଯାଇଛି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରିବା ବେଳେ କହିଛନ୍ତି ଯେ ଚଳିତ ବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ ସେପଟେମ୍ବର ମାସରେ ହୋଇଥିବାରୁ ବରାଦ ଅର୍ଥ ଖର୍ଚ୍ଚ ହେବାରେ ସମସ୍ୟା ହୋଇଛି। ସେ ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି। କିନ୍ତୁ ଆମକୁ ରେକର୍ଡ ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ଏଥିପାଇଁ ବିଭାଗୀୟ ମନ୍ତ୍ରୀମାନେ ବିଭିନ୍ନ ଖର୍ଚ୍ଚ ପ୍ରସ୍ତାବକୁ ତୁରନ୍ତ ଅନୁଧ୍ୟାନ କରି ଅନୁମୋଦନ କରନ୍ତୁ। ବିଭିନ୍ନ କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡ଼ିକୁ ମଧ୍ୟ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ମୁଖ୍ୟମନ୍ତ୍ରୀ କହିଥିଲେ, କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ବ୍ୟୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ରୋଜଗାର ସୃଷ୍ଟି ହୁଏ ଓ ଅଭିବୃଦ୍ଧିରେ ଉନ୍ନତି ଆସେ। ଓଡ଼ିଶା ନିଜ ଘରୋଇ ଉତ୍ପାଦର ୬.୧% ପୁଞ୍ଜି ବ୍ୟୟ ବରାଦ କରିଛି। ସାରା ଦେଶରେ ଏହା ସବୁଠାରୁ ଅଧିକ। ଆମର ଲକ୍ଷ୍ୟ ହେଉଛି କୃଷିଭିତ୍ତିକ ଅର୍ଥନୀତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା। ଏଥିପାଇଁ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ। ତେଣୁ ଏ କ୍ଷେତ୍ରରେ ମଧ୍ୟ ବ୍ୟାପକ ବିନିଯୋଗ ହେବା ଜରୁରି। ଲୋକଙ୍କ ସରକାର, ଲୋକଙ୍କ ବଜେଟ ପ୍ରସ୍ତୁତ କରିଛି। ଏସବୁ ଲୋକଙ୍କ ପାଇଁ ଯେପରି ଖର୍ଚ୍ଚ ହେବ, ସେଥିପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ବୈଠକରୁ ଜଣାପଡ଼ିଛି ଯେ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ, ସ୍ୱାସ୍ଥ୍ୟ, ଜଳସଂପଦ, ପୂର୍ତ୍ତ, ଭିନ୍ନକ୍ଷମ ଓ ସାମାଜିକ ନ୍ୟାୟ ବିଭାଗ, ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ଆଦି ବିଭାଗ ଗୁଡ଼ିକର ଖର୍ଚ୍ଚ ଅପେକ୍ଷାକୃତ ଭଲ ରହିଛି । ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ସଚିବମାନେ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗର ଖର୍ଚ୍ଚ ସଂପର୍କରେ ଉପସ୍ଥାପନା ରଖିଥିଲେ।

## ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରାର ଦ୍ୱିତୀୟ କିସ୍ତି ଟଙ୍କା



ଭୁବନେଶ୍ୱର,୨୮/୨: ଆସନ୍ତା ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ମିଳିବ । ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କିସ୍ତି ଟଙ୍କା ମିଳିବ । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ପାଖାପାଖି ୧ କୋଟି ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ । ଉଲ୍ଲେଖ ଥାଉ କି ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିବା ବେଳେ ୨ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ବ୍ୟାଙ୍କରେ ସମସ୍ୟା ଯୋଗୁଁ ଟଙ୍କା ଯାଇପାରିନଥିଲା । ବିଶେଷ କରି ଏନପିସିଆଇ ସମସ୍ୟା ଯୋଗୁଁ ୨ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇପାରିନଥିବାବେଳେ ମାର୍ଚ୍ଚ ୮ରେ ଏମାନଙ୍କୁ ଏକାସାଙ୍ଗରେ ଦୁଇଟି କିସ୍ତିର ଟଙ୍କା ମିଳିବ । ସେହିଭଳି ଯେଉଁମାନେ ପ୍ରଥମ କିସ୍ତି ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବେ ।

## ସ୍ୱାମୀର ନିସ୍ତୁକ ମାଡ଼ରେ ସ୍ତ୍ରୀ ମୃତ

ରିଆମାଳ,୨୮/୨: ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଝରାଡିହ ଗ୍ରାମରେ ସ୍ୱାମୀର ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ସ୍ୱାମୀ ଫେରାର ଥିବାବେଳେ ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସଇତାନ ସ୍ୱାମୀକୁ ଖୋଜୁଛି। ମୃତ ମହିଳା ଅରଖପାଳ ଗ୍ରାମର ରମେଶ ମାଝୀଙ୍କ ଝିଅ ଚଞ୍ଚଳା ପ୍ରଧାନ (୨୬) । ଗତ ୮ ବର୍ଷ ପୂର୍ବେ ଝରାଡିହ ଗ୍ରାମର ଜଗ ପ୍ରଧାନଙ୍କ ପୁଅ ବିଭୁତି ଭୂଷଣ ପ୍ରଧାନଙ୍କ ସହ ପ୍ରେମ ବିବାହ କରିଥିଲେ। ତିନୋଟି ପୁତ୍ର ସନ୍ତାନ ଥିବା ବେଳେ ଅନେକ ସମୟରେ ସ୍ୱାମୀ ବିଭୁତି ମାଡପିଟ କରୁଥିବା ଜଣା ପଡିଛି। ଗତକାଲି କୌଣସି କାରଣକୁ ନେଇ ପୁଣି ଥରେ ସ୍ତ୍ରୀ ଚଞ୍ଚଳାକୁ ନିସ୍ତୁକ ପିଟିଥିଲା ଅଭିଯୁକ୍ତ। ମାଡ଼ ମାରିବା ଫଳରେ ଗତକାଲି ରାତିରେ ଗୁରୁତର ମହିଳାଙ୍କୁ ଅଭିଯୁକ୍ତ ସ୍ୱାମୀ ଛତାବର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ଡାକ୍ତର ଉକ୍ତ ମହିଳାଙ୍କୁ ମୃତ ଘୋଷଣା କରିବା ପରେ ସ୍ତ୍ରୀ ର ମୃତ୍ୟୁ ଖବର ଜାଣି ପାରି ତିନି ସନ୍ତାନଙ୍କୁ ଡାକ୍ତରଖାନାରେ ମା ର ମୃତ ଦେହ ନିକଟରେ ଛାଡି ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛି । ଗତକାଲି ରାତିସାରା ମହିଳାଙ୍କ ମୃତଦେହ ଡାକ୍ତରଖାନା ବାରଣ୍ଡାରେ ପଡିରହିଥିବା ବେଳେ ତିନି ସନ୍ତାନ ମା ଙ୍କୁ ସାଉଁଳୁ ଥିବା ଦୃଶ୍ୟ ବ୍ୟଥିତ କରିଛି। ରିଆମାଳ ଥାନା ପୁଲିସ ମୃତଦେହ ଜଗି ରହିଛି।

## ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୮/୨: ମହାନ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ବା ଖିଣ୍ଡା ଗ୍ରାମରେ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା । ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ । ଓଡ଼ିଶାର ଏହି ବରପୁତ୍ର, ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଲବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡନ କରୁଥିବ । ବୀର ସୁରେନ୍ଦ୍ର ସାଏଙ୍କ ୧୪୧ତମ ଶ୍ରାଦ୍ଧବାର୍ଷିକୀ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୋଲାଭରମ ବୁଡ଼ାଇବ ମାଲକାନଗିରି



ମାଲକାନଗିରି,୨୮/୨: ପୋଲାଭରମ୍ ଷଡ଼ଯନ୍ତ୍ର ବିରୋଧରେ ଆଜି ଗର୍ଜିବ ଓଡିଶା। ରାଜ୍ୟରୁ ୨୦ ବିଜେପି ସାଂସଦ ନେବା ସତ୍ତ୍ୱେ କାହିଁକି ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଅବିଚାର କରିଛନ୍ତି, ତାହାର ଜବାବ୍ ମାଗିବେ ପୋଲାଭରମ୍ କ୍ରିୟାନୁଷ୍ଠାନ କମିଟି ଏବଂ ବିଜୁ ଜନତା ଦଳ। ଏନେଇ ଶୁକ୍ରବାର ମୋଟୁ ଅଞ୍ଚଳରେ କମିଟି ଓ ବିଜେଡି ତରଫରୁ ଗଣଆନ୍ଦୋଳନ ଡାକରା ଦିଆଯାଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦଳୀୟ ନେତୃମଣ୍ଡଳୀ ଓ ୫୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହେବେ। ରାଜ୍ୟ ଓ ମାଲକାନଗିରିବାସୀଙ୍କ ଅଧିକାର ପାଇଁ ବିଜୁ ଜନତା ଦଳ ସର୍ବଦା ସଂଗ୍ରାମ ଜାରି ରଖିବ ବୋଲି ବିଜେଡି ଚେତାବନୀ ଦେଇଛି। ଓଡ଼ିଆ ଅସ୍ମିତା କଥା କହୁଥିବା ଡବଲ ଇଞ୍ଜିନ୍ ସରକାରରେ ଓଡ଼ିଶା ଏବେ ବିପଦରେ। ପୋଲାଭରମ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅଯାଚିତ ସହାୟତା ଓ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ଓଡ଼ିଶା ଏଥିରେ କ୍ଷତିଗ୍ରସ୍ତ ହେବ। ଏକାଧିକ ଗାଁ ଜଳମଗ୍ନ ହେବ ଓ ଭିଟାମାଟି ଛାଡିବେ ଆଦିବାସୀ। ଡ୍ୟାମ୍‌ର ପଛୁଆ ଜଳ ପ୍ରବେଶ ଯୋଗୁଁ ପ୍ରଭାବିତ ହେବ ଓଡ଼ିଶାର ବହୁ ଆଦିବାସୀ ଗାଁ। ପରୋକ୍ଷ ଭାବେ ମାଥିଲି ଆଉ କୋରୁକୋଣ୍ଡା ଅଞ୍ଚଳରେ ସୃଷ୍ଟି ହେବ ବନ୍ୟା ପରିସ୍ଥିତି। ତେଣୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଛତିଶଗଡ଼, ତେଲଙ୍ଗାନା ଓ ଓଡ଼ିଶାର ବହୁ ସାମାଜିକ ସଂଗଠନ ପକ୍ଷରୁ ମିଳିତ କ୍ରିୟାନୁଷ୍ଠାନ କମିଟିର ସମାବେଶ ଅନୁଷ୍ଠିତ ହେବ।ପୋଲାଭରମ ପ୍ରକଳ୍ପକୁ ଜାତୀୟ ମାନ୍ୟତା ସହିତ ପ୍ରକଳ୍ପ ଲାଗି ୧୫ ହଜାର କୋଟି ଅନୁଦାନ ଦେଇଛନ୍ତି କେନ୍ଦ୍ର ସରକାର। ଆହୁରି ଆର୍ଥିକ ସହାୟତା ନେଇ ଶୀଘ୍ର ପ୍ରକଳ୍ପ ସାରିବା ପାଇଁ ଯୋଜନା କରିଛନ୍ତି। ରାଜ୍ୟ ସରକାର ଓଡିଶାର ସ୍ୱାର୍ଥ ପାଇଁ ପୋଲାଭରମ୍‌କୁ ବିରୋଧ କରିବେ କ'ଣ ଓଲଟା ପ୍ରକଳ୍ପକୁ ସମର୍ଥନ କରୁଛନ୍ତି। ବିଜେପିରୁ ୨୦ ସାଂସଦ ଥିଲେ ମଧ୍ୟ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି। ପ୍ରକଳ୍ପକୁ ବନ୍ଦ କରିବାକୁ ବିକ୍ଷୋଭ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାମନ୍ତ୍ରୀଙ୍କୁ ଚିଠି ଲେଖି ଆପତ୍ତି ଜଣାଇଥିଲେ ମଧ୍ୟ ଏହାପ୍ରତି କର୍ଣ୍ଣପାତ କରାଯାଉ ନାହିଁ। ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରରେ ଏନ୍‌ଡିଏ ସରକାର ରହିଥିବାବେଳେ ଚଳିତ ବଜେଟରେ ପୋଲାଭରମ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ସହ କାମ ଶେଷ କରିବାକୁ କହିଛି କେନ୍ଦ୍ର। ପ୍ରକଳ୍ପ ଶେଷ ହେଲେ କ'ଣ ସ୍ଥିତି ହେବ ତାହାକୁ ନେଇ ସନ୍ଦେହରେ ଅଛନ୍ତି ମୋଟୁ ଅଞ୍ଚଳବାସୀ। ଆନ୍ଧ୍ର ସରକାରଙ୍କ ପାଇଁ ଏହା ବହୁ ପ୍ରତୀକ୍ଷିତ ପ୍ରକଳ୍ପ ହୋଇଥିବାବେଳେ କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ଏକ ଜାତୀୟ ପ୍ରକଳ୍ପ ଭାବେ ମାନ୍ୟତା ପାଇବା ପରେ ଯଥାଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଲାଗି ଆନ୍ଧ୍ରପ୍ରଦେଶ ସରକାର ଅଣ୍ଟା ଭିଡିଛନ୍ତି। ଆନ୍ଧ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଛତିଶଗଡ଼ ସରକାର ମଧ୍ୟ ବିରୋଧ କରୁଛନ୍ତି। ସେପଟେ ଏନେଇ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଏପର୍ଯ୍ୟନ୍ତ ଗ୍ରାମସଭା ହୋଇନାହିଁ କି ଉଚିତ ସର୍ଭେ ହୋଇନାହିଁ। ଯାହା ବର୍ତ୍ତମାନ ଆକଳନ କରାଯାଉଛି ତାହା ଯଦି ସତ ହୁଏ, ଆଗକୁ ମୋଟୁ ମାଲକାନଗିରି ମାନଚିତ୍ରରୁ ଲିଭିଯିବା ଥୟ। ଏହାପରେ ମୋଟୁ ଅଞ୍ଚଳବାସୀଙ୍କୁ କିଏ ଉଚିତ ଥଇଥାନ କରିବ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି।୨୦୨୨ ମସିହାରେ ମାଲକାନଗିରିରେ ସ୍ଥିତି ଅଣାୟତ ହେବା ସହ ୧୫୯ ଫୁଟ ଉଚ୍ଚର ଜଳ ଆସିଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳ ପକ୍ଷରୁ ଏହି ପ୍ରକଳ୍ପକୁ ନେଇ ବିରୋଧ କରିବା ସହ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଥିବା ବେଳେ ବିଗତ ଦିନରେ ବିଜୁ ଜନତା ଦଳ ପକ୍ଷରୁ ମୋଟୁ ଅଞ୍ଚଳରେ ଜନସଭା ମଧ୍ୟ କରାଯାଇଥିଲା। ତେବେ ଏସବୁ ମଧ୍ୟରେ କିନ୍ତୁ କେନ୍ଦ୍ର ଓ ବର୍ତ୍ତମାନର ରାଜ୍ୟ ସରକାର ସ୍ଥାଣୁ ପାଲଟି ଯାଇଥିବା ପରିଲକ୍ଷିତ ହୋଇଛି। ରାଜ୍ୟବାସୀଙ୍କ ବୃହତ୍ ସ୍ୱାର୍ଥକୁ ବାଜିରେ ଲଗାଇ ବର୍ତ୍ତମାନର ବିଜେପି ସରକାର ନୀରବ ରହିଥିବାବେଳେ ବିଜୁ ଜନତା ଦଳ କିନ୍ତୁ ଏହି ପ୍ରକଳ୍ପକୁ ବିରୋଧ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉଠାଇବା ସହ ଆସନ୍ତାକାଲି ଜିଲ୍ଲାର ମୋଟୁଠାରେ ହେବାକୁ ଥିବା ପୋଲାଭରମ ବିରୋଧୀ ସଂଗ୍ରାମକୁ ସମର୍ଥନ ଜଣାଇଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

# ବୌଦ୍ଧ ସାହିତ୍ୟ ଝରର ପର୍ବ ପାଳିତ



**ବୌଦ୍ଧ, ୨୮/୨(ନି.ପ୍ର):** ଦୈନିକ ଅପରାହ୍ନ ଖବର କାଗଜର ସାରସ୍ୱତ କାର୍ଯ୍ୟକ୍ରମ ବୌଦ୍ଧ ସାହିତ୍ୟ ଝରର ପର୍ବ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଟାଉନହଲ ଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ସଭାପତି ବଂଶୀଧର ଜେନା, ମୁଖ୍ୟ ସମ୍ପାଦକ ଅପରାହ୍ନ, ମୁଖ୍ୟଅତିଥି ଲଗ୍ନଜିତ ବେହେରା, ତହସିଲଦାର ବୌଦ୍ଧ, ମୁଖବକ୍ତା ପ୍ରତାପ ଚନ୍ଦ୍ର ରଥ,ଅଧ୍ୟାପକ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ସମ୍ମାନୀତ ଅତିଥି ସୁଧୀର କର୍ଣ୍ଣ, ବରିଷ୍ଠ ଆଇନଜୀବି ବୌଦ୍ଧ, ଯୁବ ସମାଜସେବୀ ଇଂ ବିକାଶ ମହାକୁଳ , ଅନ୍ୟତମ ସମ୍ମାନୀତ ଅତିଥି ଲକ୍ଷ୍ମୀପ୍ରିୟା ଦାସ, ସମ୍ପାଦିକା ଅର୍ପଣ ଓ ଅପରାହ୍ନ ପ୍ରକାଶିକା ବାଲେଶ୍ୱର, ବିଶିଷ୍ଟ ଅତିଥି ଧ୍ରୁବଚରଣ ଘିବେଲା, ଶିଶୁ ସାହିତ୍ୟିକ,ସ୍ତମ୍ଭକାର, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସଭାପତି ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ମଞ୍ଚାସୀନ ଥିଲା ବେଳେ ଜିଲ୍ଲା ସଂଯୋଜକ ଅପରାହ୍ନ ସାହିତ୍ୟ ଝରର ପରିବାର ବୌଦ୍ଧ କାର୍ତ୍ତିକେଶ୍ୱର ନାୟକ ମଞ୍ଚ ପରିଚାଳନା କରିଥିଲେ । କବି କାର୍ତ୍ତିକେଶ୍ୱର ନାୟକଙ୍କ ଦ୍ୱାରା ଲିଖିତ "ମହାନଦୀ ଧାରା "କବିତା ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । କବି ଶୁକଦେବ ପ୍ରଧାନ, ରଶ୍ମିତା ବେହେରା, ମଞ୍ଜୁପ୍ରଭା ପଟ୍ଟନାୟକ, ରଞ୍ଜନ ସାମଲ ଓ ଜୟନାରାୟଣ ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । କବି ନବ ଦୀପ ଓ ରାଜକୁମାର ପ୍ରଧାନ ମାନପତ୍ର ପଠନ କରିଥିଲେ । ସମସ୍ତେ ସାହିତ୍ୟ ମନସ୍କ ହେଲେ ସମାଜରୁ ଅପସଂସ୍କୃତି ଦୂରେଇଯିବ, ମନ ସହିତ ଭାବ ମିଶିଗଲେ ସାହିତ୍ୟ ସୃଷ୍ଟି ହୋଇଥାଏ ବୋଲି ବକ୍ତା ମାନେ ବକ୍ତବ୍ୟ ରଖିଥିଲେ । କବି ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବିତା ପଠ କରାଯାଇଥିଲା । ସଭାପତି ଭାବରେ ଅଧାପିକା ଜ୍ୟୋତିର୍ମୟୀ କହଁର ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ବୌଦ୍ଧ, ସମ୍ମାନିତ ଅତିଥି ପ୍ରମୋଦ କୁମାର ମହାପାତ୍ର ସ୍ନାତକ ମହାବିଦ୍ୟାଳୟ ପୁରୁଣାକଟକ ମଂଚାସୀନ ଥିଲାବେଳେ କବି ନବ କିଶୋର ଦୀପ ଓ ସୁଜ୍ଞାନ ବାଘ ସଂଯୋଜନା କରିଥିଲେ । ୪୮ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିବା ବେଳେ ଅନାଦି ଚରଣ ବେହେରା ଧନ୍ୟବାଦ ଦେଇଥିଲେ ।

# ଉପାନ୍ତ ଅଞ୍ଚଳରେ ଆବାସ ଗୃହ ସର୍ଭେ ପାଇଁ ବାଧକ ସାଜୁଛି ନେଟୱର୍କ

## ଅନଲାଇନ ସର୍ଭେ ପାଇଁ ପାହାଡ ଉପରେ ପ୍ରବଳ ଭିଡ଼



**ଲାଞ୍ଜିଗଡ,୨୮/୨(ନି.ପ୍ର):** ସରକାରଙ୍କ ନିର୍ଦ୍ଦେଶ ରହିଛି ପଞ୍ଚାୟତର ପ୍ରତ୍ୟେକ ଗାଁକୁ ଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟକରି ତାଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅନଲାଇନ ସର୍ଭେ କରି ତାଲିକା ଅନ୍ତର୍ଭୁକ୍ତ କରିବା ପାଇଁ । ଏହି ସର୍ଭେ କରିବାପାଇଁ ପ୍ରତ୍ୟେକ ପଞ୍ଚାୟତର ପଞ୍ଚାୟତ ନିର୍ବାହୀଅଧିକାରୀ ଓ ଗ୍ରାମ ରୋଜଗାର ସେବକ ସମେତ ଜିଓ ଟେକରଙ୍କୁ ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱକୁ ନିର୍ବାହ କରି ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଗାଁକୁ ଯାଇ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଅନଲାଇନ ସର୍ଭେ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକା ଅନ୍ତର୍ଭୁକ୍ତ କରୁଛନ୍ତି । ହେଲେ ପରିତାପର ବିଷୟ ସରକାରୀ ସ୍ତର ହେଉ ଅବା ବେସରକାରୀ ସ୍ତର ହେଉ ନେଟୱାର୍କ ବା ନେଟର ନିତାନ୍ତ ଆବଶ୍ୟକତା ରହିଥିବା ବେଳେ ଡିଜିଟାଲ ଭାରତରେ ମଧ୍ୟ ଏବେ ଯାଏଁ ଲୋକେ ନେଟୱର୍କ ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି । ପଞ୍ଚାୟତରେ ଅନେକ ଗୁଡ଼ାଏ ନିର୍ଦ୍ଦିଷ୍ଟ କମ୍ପାନୀର ନେଟୱାର୍କ ସ୍ଥାପନ ହୋଇଛି ସତ କିନ୍ତୁ ଫୋନ୍ କଲ ବ୍ୟତୀତ କୌଣସି ନେଟୱର୍କଟେ ଏବେ ଯାଏଁ ନେଟର ବ୍ୟବସ୍ଥା ହୋଇନାହିଁ । ଯାହାଫଳରେ ଲୋକେ ପାହାଡ ଚଢି ପ୍ରଧାନମନ୍ତ୍ରୀ ଆବାସ ଗୃହ ଅନଲାଇନ ସର୍ଭେ କରୁଥିବା ଚିତ୍ର ଦେଖିବାକୁ ମିଳିଛି । ଏହି ଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଦ୍ୟୁଷିତ ପାହାଡ ପଦର ପଞ୍ଚାୟତରେ । ଏହି ପଞ୍ଚାୟତରେ ମୋଟ ୧୫ଟି ଗାଁ ରହିଥିବା ବେଳେ କେବଳ କାଞ୍ଚନମୁଖି ଗାଁର ଏକ ପାହାଡ଼ରେ ଅଳ୍ପଟିକେ ନେଟ ଚାଲୁଥିବାରୁ ସେହି ପାହାଡ଼ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅନଲାଇନ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଉକ୍ତ ପଞ୍ଚାୟତରେ ଅନେକ ସ୍ଥାନରେ ନେଟୱର୍କ ସ୍ଥାପନ ହୋଇଛି ସତ ହେଲେ ଏବେ ଯାଏଁ ଠିକ ଭାବରେ ଫୋନ୍ କଲ ବ୍ୟତୀତ କୌଣସି ନେଟୱର୍କରେ ନେଟ ଚଳାଇବାର ବ୍ୟବସ୍ଥା ହୋଇନାହିଁ କ୍ଷ ସେହିପରି ବିଜେପୁର, ମାଳିଯୁବାଙ୍ଗ, ତ୍ରିଲୋଚନ ପୁର, ବେଡାଗାଁ ପଞ୍ଚାୟତରେ ମଧ୍ୟ ନେଟୱର୍କ ସମସ୍ୟା ରହିଥିବା ବେଳେ ଏହି ପଟେ ସରକାର ଅନଲାଇନ ମାଧ୍ୟମରେ ହିତାଧିକାରୀଙ୍କ ଆଧାରକାର୍ଡ,ବ୍ୟାଙ୍କବହି,ଜବକାର୍ଡ,ଆଇସ୍କେନ ସମେତ ପୁରୁଣା ଘର ଓ କେଉଁ ସ୍ଥାନରେ ନୂତନ ଗୃହ ନିର୍ମାଣ ହେବ ଏହାର ଅବଡେଟ ସର୍ଭେ ସମ୍ପୂର୍ଣ୍ଣ ତଥ୍ୟ ମାଗୁଛନ୍ତି କିନ୍ତୁ ନେଟୱର୍କ ସମସ୍ୟା ଯୋଗୁଁ ସମ୍ପୂର୍ଣ୍ଣ ତଥ୍ୟ ଦେବାରେ ସର୍ଭେ କାରୀଙ୍କୁ ନାକେ ଦମ ହେବାକୁ ପଡୁଛି । ତେବେ ଏହି ଅଞ୍ଚଳରେ ବର୍ତ୍ତମାନ ନେଟୱାର୍କ ସମସ୍ୟା ରହିଥିବାରୁ ଚିନ୍ତାରେ ହିତାଧିକାରୀ ଓ ସର୍ଭେ କରୁଥିବା କର୍ମଚାରୀ ମାନେ ତେଣୁ ଏହି ଅଞ୍ଚଳର ନେଟୱର୍କ ସମସ୍ୟା ଯଥା ସମ୍ଭବ ଜିଲ୍ଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି ।

# ବାଗଡ଼ିହି ବନ ବିଭାଗର ଅଭିନବ ପ୍ରୟାସ ଜଙ୍ଗଲରେ ନିଆଁ ନିରାକରଣ ପାଇଁ କଲେ ସଚେତନତା

**ଝାରସୁଗୁଡା,୨୮/୨(ନି.ପ୍ର):** ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳର ହଣ୍ଡାତୋପା ଖେଳପଡ଼ିଆଠାରେ ବନ ବିଭାଗର ନିଆଁ ନିରାକରଣ ପାଇଁ ଅଭିନବ ପ୍ରୟାସ କରାଯାଇଛି । ବନାଞ୍ଚଳ ଅକାରିଣୀ ତତ୍ତ୍ୱାବଧାନତାରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରବିବାର ଅପରାହ୍ଣ ୯ ଟା ରେ ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବାଗଡ଼ିଛି ବନାଞ୍ଚଳ ଅନ୍ତର୍ଗତ ବାଙ୍କି , କାଦୋବାହାଲ , ହଣ୍ଡାତୋପା, ମାଲଢ଼ିଇଁରା, ବୁଙ୍ଗାବେଣ୍ଡଓ , ସାରସମାଲ , ସୁଲାହି ଏବଂ ଜଳିପଡ଼ା ମୋଟ ୮ଟି ଦଳ ଯୋଗଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ମାଲିବେଇଁରା ବିଜୟୀ ଲାଭ କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭୀମଜୋର ସରପଞ୍ଚ ମନ ବାଗ, ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପୁରା ଚଳିତ ବର୍ଷ କିପରି ବନାଞ୍ଚଳ ଅଧୀନ ଜଙ୍ଗଲରେ ନିଆଁ ଲାଗିବା କମିପାରିବ ସେ ବିଷୟରେ ସଚେତନ ତଥା ଶପଥ ପାଠ କରିଥିଲେ,ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲ କୁ ନିଆଁ ଦାଉରୁ ସୁରକ୍ଷା ଦେବା କରାଯାଇଥିଲା କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧୀକାରୀଣୀ ବନ୍ଦନା ପଶାୟତ ଫରେଷ୍ଟର ମୁରାରୀ ପ୍ରାସାଦ ସାହୁ, ଅମୀର ପଟେଲ , ଟିମ ଲିଡ଼ର ଚୂଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚକର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ

# ୨ ବର୍ଷ ତଳେ ୧୧ ଟି ଦୋକାନ ଘର ହୋଇଥିଲା ଉଦ୍‌ଘାଟନ: ପିସି ନ ଛିଣ୍ଡିବାରୁ ପଡିଛି ତାଲା




**ତୁଷୁରା, ୨୮/୨(ନି.ପ୍ର):** ବଲାଙ୍ଗୀର ଜିଲ୍ଲା ତୁଷୁରା ଠାରେ ରେ ୩ ବର୍ଷ ତଳେ ବସଷ୍ଟାଣ୍ଡ ର ରାସ୍ତା କଡରେ ଥିବା ଦୋକାନ ଘର ଗୁଡିକ ତୁଷୁରା ପ୍ରଶାସନ ହଟାଇଥିଲା । ଏବଂ ସେମାନଙ୍କ ପାଇଁ ହାଟପଡା ଠାରେ ୩ ବର୍ଷ ତଳେ ୧୧ ଟି ଦୋକାନ ଘର ଟିଟିଲାଗଡ଼ ଏମଏଲଏ ଙ୍କ ପାଣ୍ଠିରୁ ତିଆରି ହୋଇଥିଲା । ଦୋକାନ ଘର ସମ୍ପୂର୍ଣ୍ଣ ହେବାରୁ ବିଜୟା ନନ୍ଦ ମାର୍କେଟ କଂପ୍ଲେକ୍ସ ନାମଦେଇ '(୧୮ ଫେବୃଆରୀ ୨୦୨୩)' ରେ ସେହି ସମୟର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ତୁଷୁରା ଏନଏସି ର ଜନ ପ୍ରତିନିଧି ମାନେ ମିଶିକି ଉଦଘାଟନ କରିଥିଲେ । କିନ୍ତୁ ୨ ବର୍ଷ ବିତିଯାଇଥିଲେ ମଧ ସେହି ଦୋକାନ ଘର ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ସେମିତି ଭାବରେ ତାଳା ପଡିଛି ଯାହା ଫଳରେ ଅଞ୍ଚଳ ବାସୀଙ୍କ ମଧରେ ଆଲୋଚନା ହେଉଛି ଏହି ଦୋକାନ ଘର ଗୁଡିକ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପିସି ନ ଛିଣ୍ଡିବାରୁ ସେହିପରି ଭାବରେ ତାଲା ପଡ଼ିରହିଛି । ଯାହା ଫଳରେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ପାଣ୍ଠି ରୁ ଖର୍ଚ୍ଚ ହୋଇ ବରବାଦ ହେଲା ପରି ପଡିରହିଛି । ଏବଂ ଦୋକାନ ହରାଇଥିବା କେତେକ ଗରିବ କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି । ଅନ୍ୟପକ୍ଷରେ କେତେକ ଗରିବ ମାନେ ରାସ୍ତା କଡରେ ଜବର ଦଖଲ ଭାବରେ ଦୋକାନ ଘର କରିଥିଲେ । ସେମାନଙ୍କୁ ମଧ ହଟାଯାଇଥିଲା । ଏବଂ ସେମାନଙ୍କ ପାଇଁ ବସଷ୍ଟାଣ୍ଡ ପାଖରେ ଦୋକାନ ଘର ତିଆରି କରାଯାଇଥିଲା । କିନ୍ତୁ ଦୋକାନ ଘର ସଂପୂର୍ଣ୍ଣ ହେବା ପରେ ଏନଏସି ଦେଖାଇଥିଲା ତାର ଅସଲରୂପ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସିକ୍ୟୁରିଟି ଦାବି କରି ସମସ୍ତଙ୍କ ପାଇଁ ଆବେଦନ କରିବାପାଇଁ କହିଥିଲା । ଏବଂ ଦୋକାନ ହରାଇଥିବା ଗରିବ ମାନେ ୫ ଲକ୍ଷ ଟଙ୍କା ନାଁ ଶୁଣି ପଛଘୁଞ୍ଚା ଦେଇଥିଲେ । ଯାହାଫଳରେ ସେହି ସମୟରେ ଗୋଟିଏ ଗୋଟିଏ ଦୋକାନ ଘର ପାଇଁ ୫ ଲକ୍ଷ ଟଙ୍କା ଦେଇ ଧନୀଲୋକ ମାନେ ଅକ୍ତିଆର କରିନେଲେ । ଫଳରେ ଓଡିଆ ଗରିବ ମାନେ ଭାଗ୍ୟକୁ ଦୋଷ ଦେଇ ଚୁପ ରହିଲେ । ଏବଂ ସେହି ସମୟରେ ଗରିବଙ୍କ ଉପରେ ଅନ୍ୟାୟ ହେଉଛି ବୋଲି କେହିବି ସ୍ୱର ଉତ୍ତୋଳନ କଲେ ନାହିଁ । ଯାହା ଫଳରେ ତୁଷୁରା ରେ ଗରିବ ମାନେ ଏକ ପ୍ରକାର ପରାଧିନ ଭାବରେ ବସବାସ କଲା ପରି ରହୁଛନ୍ତି ବୋଲି ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି ।

# ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ୨୦୦୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



ବୋଲଗଡ଼,'ସ୍ମୃତି ଯାହା ଅପାସୋରା'. ଆଜିକୁ ଠିକ ୬ ବର୍ଷ ତଳେ ହୋଇଥିବା ପ୍ରଥମ ବନ୍ଧୁମିଳନ ବେଳେ ଏମିତି କିଛି ଟ୍ୟାଗ ଲାଇନ ରଖିଥିଲୁ । ବାସ୍ତବରେ ସ୍କୁଲ ଦିନର ସେଇ ସ୍ମୃତି ସତରେ ଅପାସୋରା ଯାହାକୁ ଆଜି ମର୍ମେ ମର୍ମେ ଅନୁଭବ କରିଥିଲେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଫେବୃଆରୀ ୧୬ ତାରିଖ ରବିବାର ଦିନ ୨୦୦୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେବା ସହ ସେହି ସମୟର ଶିକ୍ଷକମାନେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜର ବିଦ୍ୟାଳୟରେ ନିଜ ନିଜର ସ୍ମୃତିକୁ ବଖାଣିବା ସହ ଭାବ ବିହ୍ୱଳ ହୋଇପଡ଼ିଥିଲେ । ଶିକ୍ଷକମାନେ ପିଲାମାନଙ୍କୁ ଭଲ ମଣିଷଟିଏ ହେବା ସହ ନିଜ ନିଜ ଅନୁଷ୍ଠାନକୁ ଏମିତି ଭଲ ପାଇବା ସହ ତା ସହ ଯୋଡି ହୋଇ ରହିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବାସୁଦେବ ବେହେରା ସ୍କୁଲର ଆଲୁମିନି ସହ ଯୋଡି ହୋଇ ରହିବା ସହ ନିଜ ଅନୁଷ୍ଠାର ଉନ୍ନତି ଦିଗରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଦୀର୍ଘ ୨୦ ବର୍ଷ ପରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଦେଖି ଖୁସି ହେବା ସହ ପିଲାମାନଙ୍କ ଭବିଷ୍ୟତ ଜୀବନ ଉଜ୍ଜଳମୟ ହେଉ ବୋଲି ଆଶୀର୍ବାଦ କରିଥିଲେ । ପିଲାମାନେ ଏତେ ବର୍ଷ ପରେ ନିଜ ସ୍କୁଲର ସେହି ପୁରୁଣା ଡେସ୍କ ବେଞ୍ଚରେ ବସି ନିଜ ନିଜର ପିଲାଦିନର ସ୍ମୃତିକୁ ମନେ ପକେଇଥିଲେ । ଛାତ୍ରଛାତ୍ରୀଙ୍କ ମଧରେ ସହଦେବ ମହାରଣା, ମାନସ ସ୍ୱାଇଁ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପଲିଥିନ ନମିଳିଥିବାରୁ ଅସନ୍ତୋଷ ପ୍ରକାଶ କଲେ ଯୁବନେତା

**ବସ୍ତା, ୨୮/୨(ନି.ପ୍ର):** ଅଂଚଳର ବିଭିନ୍ନ ପଂଚାୟତ ର ବହୁ ଗରୀବ ଲୋକ ଙ୍କ ଘର ପାଣି ପଡୁଥିଲା ପରେ ବନ୍ୟା ରେ ଲୋକ ମାନେ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ ଗୋଟିଏ ପଲିଥିନ ପାଇଁ ସେମାନେ ତହସିଲଦାର ଙ୍କୁ ଦରଖାସ୍ତ ଦେଇ ଗୁହାରି କରିଥିଲେ ମାତ୍ର ତହସିଲ କାର୍ଯ୍ୟାଳୟ ବାର ବାର ଆସି ନିରାଶ ହୋଇଥିଲେ ନିଜେ ତହସିଲଦାର ପ୍ରତିଥର ପ୍ରତିଶ୍ରୁତି ଦେଉଥିଲେ ମିଳିଯିବ ବୋଲି ମାତ୍ର ଦୀର୍ଘ ପାଂଚ ମାସରୁ ଉର୍ଦ୍ଧ୍ୱ ଏ ଘଟଣା ହେବାରୁ ଆଜି କଂଗ୍ରେସ ଯୁବନେତା ତଥା ଜିଲ୍ଲା କଂଗ୍ରେସ କମିଟି ର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ତହସିଲ କାର୍ଯ୍ୟାଳୟ ରେ ଲୋକ ଙ୍କ ସହିତ ପହଂଚି ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ତହସିଲଦାର ଙ୍କ ସହିତ ଆଲେଚନା କରିଛନ୍ତି ଅବିଳମ୍ୱେ ଦରଖାସ୍ତ ଦେଇଥବା ଲୋକ ଙ୍କୁ ପଲିଥିନ ନମିଳିଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସମୟରେ କଂଗ୍ରେସ ର କିଛି ନେତୃତ୍ୱ ଉପସ୍ଥିତ ଥିଲେ ।

# ଧର୍ମପରାୟଣା ମହିଳାଙ୍କ ପରଲୋକ, ବିଭିନ୍ନ ମହଲରେ ଶୋକ

**ଧାମନଗର ୨୮/୨(ନି.ପ୍ର):** ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଅଞ୍ଚଳର ମା' ଖୁଲେଇଶୁଣୀଙ୍କ ପୂଜକ ବିଶ୍ୱନାଥ ଦାଶଙ୍କ ପତ୍ନୀ ଜାନକୀ ଦାଶ (୭୨) ଙ୍କ ପରଲୋକ ଘଟିଛି । ମାତ୍ର ଦୁଇ ଦିନ ତଳେ ତାଙ୍କର ମସ୍ତିଷ୍କ ପକ୍ଷାଘାତ ଘଟିଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ରବିବାର ସନ୍ଧ୍ୟାରେ ଘରକୁ ଅଣାଯାଇ ଥିଲା ।ସୋମବାର ପୂର୍ବାହ୍ନରେ ନିଜ ବାସଭବନରେ ତାଙ୍କର ପରଲୋକ ଘଟିଛି । ଏହି ଦୁଃଖଦ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।ସେ ଜଣେ ମିଷ୍ଟଭାଷୀ, ସ୍ନେହମୟୀ, ଧର୍ମ ପରାୟଣା ମହିଳା ଥିଲେ । ତାଙ୍କ ପରଲୋକ ଖବର ପାଇ ତାଙ୍କ ଭଣଜା ବରିଷ୍ଠ ସାମ୍ବାଦିକ ସୁଧାକର ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କଛଛନ୍ତି । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବ ସେବା, ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଉମାମଣି ସାହୁ,ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, କୋଠାର ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀ, ସରପଞ୍ଚ ମିନତୀ ସାହୁ, ସରୋଜ ସ୍ୱାଇଁ,ପୂର୍ବତନ ସରପଞ୍ଚ ଅରବିନ୍ଦ ନାୟକ, ତାରାକାନ୍ତ ମିଶ୍ର, ଧାମନଗର ପ୍ରେସ କ୍ଲବ ସଭାପତି ବୈକୁଣ୍ଠନାଥ ସାହୁ, ସମ୍ପାଦକ ରଜତ କୁମାର ପଣ୍ଡା, ଓକିଲ ସଂଘ ସଭାପତି ଅଶୋକ ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି,ସମାଜସେବୀ ସହଦେବ ସାହୁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରିବାରଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଅପରାହ୍ନରେ ନିଜ ଘରବାରି ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସ୍ୱର୍ଗତା ଦାଶଙ୍କ ଏକମାତ୍ର ପୁତ୍ର ଜୟଦେବ ଦାଶ ମୁଖାଗ୍ନି ଦେଇଥିଲେ ।

# ବିଜେପି ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ତାଳଚେର, ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଭାବେ ବରିଷ୍ଠ ବିଜେପି ନେତା ଯଯାତି ପଟ୍ଟନାୟକ ଙ୍କର ନାମ ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କରିଛନ୍ତି ।ଯଯାତି ପଟ୍ଟନାୟକ ଙ୍କର ନାମ ଘୋଷଣା ହେବା ପରେ ବିଜେପି ପକ୍ଷରୁ ତଥା ବିଭିନ୍ନ ମହଲ ରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ର ସୁଅ ଛୁଟିଛି ।ତାଙ୍କର ତାଳଚେର ସ୍ଥିତ ବାସଭବନ କୁ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ କାର୍ଯ୍ୟକର୍ତା ମାନେ ଆସି ଶୁଭେଚ୍ଛା ଜଣାଉଛନ୍ତି ।ସୋମବାର ଦିନ ତମାମ ତାଙ୍କର ବାସଭବନ ରେ ଗହଳି ଲାଗି ରହିଥିଲା ।ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ରେଳ ମଣ୍ଡଳ ସଭାପତି ବରୁଣ ସାହୁ, ତାଳଚେର ପୌର ମଣ୍ଡଳ ର ସାଧାରଣ ସମ୍ପାଦକ ନିରୋଜ ଦାସ ଓ ଜ୍ଞାନେନ୍ଦ୍ରୀୟ ସେଠି, ରାଜେଶ ଦଳେଇ, ଜଗଦୀଶ ସିଂହ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକାନ୍ତ ରାୟ, ଜିତେନ୍ଦ୍ର ଦାସ, ଅରବିନ୍ଦ ମିଶ୍ର, ,ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଅକ୍ଷୟ ବିଶ୍ୱାଳ,ବିଜୟ ନାଏକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ।ବିଭିନ୍ନ ସଂଗଠନ ର କର୍ମକର୍ତା ମାନେ ମଧ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ।

# ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା



**କୋରାପୁଟ ୨୮/୨(ନି.ପ୍ର):** ଜିଲ୍ଲାର ଦକ୍ଷ ଆଦିବାସୀ ନେତା ଶିବ ମୁଦୁଲି ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଭାବେ ଘୋଷଣା କରାଯାଇଛି ।ରାଜ୍ୟ ବିଜେପିର ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି ।କୋରାପୁଟ ଜିଲ୍ଲା ବିଜେପିର କର୍ମକର୍ତ୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି ।ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର, କୋରାପୁଟ ନଗର ସଭାପତି ୱାଇ ସତ୍ୟ ନାରାୟଣ,ପୂର୍ବତନ ସଭାପତି ଜୟରାମ ଗରଡ଼ା,ସହ ନିର୍ବାଚନ ଅଧିକାରୀ ତ୍ରିନାଥ ପଣ୍ଡା ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି ।ନୂତନ ଯୁବ ସଭାପତିଙ୍କ ନେତୃତ୍ୱରେ ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ସୁଦୃଢ ହେବା ସହ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେପିର ବାନା ଉଡ଼ିବ ବୋଲି କର୍ମକର୍ତା ମହଲାରେ ଆଲୋଚନା ହେଉଛି ।

# କୋଲକାତା- କାମାକ୍ଷୀ ଦର୍ଶନରେ ଗଲେ ମାଲକାନଗିରି ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକ



**ମାଲକାନଗିରି,୨୮/୨(ନି.ପ୍ର):** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ରାୟଗଡ଼ା ଅଭିମୁଖେ ଆଜି ଯାତ୍ରା କରିଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ମନୁଷ୍ୟ ଜୀବନ କାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି । ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତ୍ତୀ କମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି । ଆଜି ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ଆସନ୍ତାକାଲି ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି । ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ ।

# ଐଶ୍ୱର୍ଯ୍ୟା ପ୍ରଧାନଙ୍କ କବିତା ସଂକଳନ 'ତୁମେ ଗଲା ପରେ' ଉନ୍ମୋଚିତ



ଭବାନୀପାଟଣା,୨୮/୨(ନି.ପ୍ର): ପଶ୍ଚିମା ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଯୁବ ଲେଖିକା ଐଶ୍ୱର୍ଯ୍ୟା ପ୍ରଧାନଙ୍କ କବିତା ସଂକଳନ 'ତୁମେ ଗଲା ପରେ' ଉନ୍ମୋଚିତ ହୋଇଯାଇଛି। ଭବାନୀପାଟଣା ସ୍ଥିତ ବ୍ରଜବିହାର ସଭାଗୃହରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ଅତିଥି ଭାବେ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, କବି ବଙ୍କିମ ଚନ୍ଦ୍ର ମୁଣ୍ଡ, କବି ସୁଧୀର ମେହେର, ବ୍ରଜବିହାର ପ୍ରଧାନ ଆଚାର୍ଯ୍ୟ ମନୋଜ ମୁଣ୍ଡ, ଲେଖିକା ସଂଘ ସଭାପତି ସୁଦେଷ୍ଣା ପଣ୍ଡା, ସମ୍ପାଦିକା କଳ୍ପନା ରଥ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସମୀକ୍ଷକ ଭାବେ ବିରଞ୍ଚି ନାରାୟଣ ମୁଣ୍ଡ ଓ ପ୍ରକାଶ ନିଶଙ୍କ ପୁସ୍ତକର ଆଲୋଚନା କରିଥିଲେ। କବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ଲିପ୍ସାମୟୀ ଦୁବେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ତରା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପଲ୍ଲବୀ ଦାଶ, ଦୀପ୍ତି ମୁଣ୍ଡ, ବନଶ୍ରୀ ଦାଶ, ଅନିତା ମୁଣ୍ଡ, ତପସ୍ୱିନୀ ପଣ୍ଡା, ସୁମତି ମୁଣ୍ଡ, ମିନତି କୁମାରୀ ପ୍ରଧାନ, ସବିତା ଶତପଥୀ, ପଦ୍ମିନୀ ବେହେରା, ଅର୍ଚ୍ଚନା ମିଶ୍ର, ସଂଘମିତ୍ରା କାନୁନଗୋ, ସ୍ୱର୍ଣ୍ଣକାନ୍ତି ବୈକାର, କାଜଲ ମହାରଣା, ନବଘନ ସାହୁ ପ୍ରମୁଖ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ। ଏଥିରେ ଜିଲ୍ଲାର ଲେଖକ ଲେଖିକାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ଉଷ୍ମ ବାତାବରଣରେ ଧାମନଗର ପଞ୍ଚାୟତ ସମିତିର ଅଧିବେଶନ



ଧାମନଗର, ୨୮/୨(ନି.ପ୍ର): ଧାମନଗର ପଞ୍ଚାୟତ ସମିତିର ଅଷ୍ଟମ ସଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶର୍ମିଷ୍ଠା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବିଡିଓ ବନ ବିହାରୀ ଦିଣ୍ଡା ସଞ୍ଚାଳନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ,ଜିଲ୍ଲା ପରିଷଦ ସଭ୍ୟା ଟୁନିବାଳା ବିଶ୍ୱାଳ, ଉର୍ମିଳା ବିଶ୍ୱାଳ, ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଏହି ଅଧିବେଶନରେ ବିଶେଷ କରି ପଞ୍ଚାୟତରୁ ପଲ୍ଲୀସଭା ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚିଠା ଅନୁମୋଦନ ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରେରିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଜେଇ ମାନେ କରୁଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସରପଞ୍ଚଙ୍କ ଗୋଚରରେ କରନ୍ତୁ। ବାରମ୍ବାର ସରପଞ୍ଚ ମାନଙ୍କୁ ଅଣଦେଖା କଲେ ଉପୁଜିବା ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଦାୟୀ ରହିବେ ବୋଲି ଚେତାବନୀ ଦେଇଥିଲେ। ଶାସକ ଦଳ କଥାରେ ପଡ଼ି ବିଭିନ୍ନ ଅଧିକାରୀ ମାନେ ଏକତରଫା କାର୍ଯ୍ୟକଲେ ଆବଶ୍ୟକ ହେଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ରାଧାବଲ୍ଲଭପୁର ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ ଓ ଗୋବିନ୍ଦପୁର ସରପଞ୍ଚ ସୁବାଷ ମହାକୁଡ଼ ଉତ୍ତେଜିତ ସ୍ୱରରେ କହିଥିଲେ। ବ୍ଲକରେ ଘଟୁଥିବା ସମସ୍ତ ଘଟଣାକୁ ମୁଁ କିଛି ଜାଣିନାହିଁ ବୋଲି କହି ଖସିଯିବାକୁ ଚେଷ୍ଟା କରୁଥିବା ବିଡିଓଙ୍କୁ ମଧ ସରକାରୀ ଦଳର ହାତବାରିଶି ନହେବାକୁ ସୂଚାଇ ଦିଆଯାଇ ଥିଲା। ଗତ ସପ୍ତମ ଅଧିବେଶନରେ ବିଧାୟକ ତଥା ମନ୍ତ୍ରୀ ଦେଇଥିବା ବିଭିନ୍ନ ପ୍ରତିଶୃତି ଏଯାଏଁ କାର୍ଯ୍ୟକାରୀ ହୋଇନଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକରେ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଥିଲେ। ବୈଠକରେ ଉପୁଜିବା ପରିସ୍ଥିତିକୁ ଲକ୍ଷ୍ୟକରି ବିଡିଓ ତରବରିଆ ଭାବେ ସଭା ସାଙ୍ଗ ହେଲା ବୋଲି କହିଥିଲେ।

# ଯୋଗାଣ ଅଧିକାରୀଙ୍କ ତଦନ୍ତ ଆଳରେ ଧମକ,ଭୟରେ ବୃଦ୍ଧା



ହାଟଡିହି୨୮/୨(ନି.ପ୍ର):ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ରାସନ୍‌କାର୍ଡକୁ କାଟିବା ଘଟଣା ଖବର କାଗଜରେ ଖବର ପ୍ରସାରଣ ପରେ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ଉକ୍ତ ଯୋଗାଣ ଅଧିକାରୀ , ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ମାଝୀ ଓ ତିନିଜଣ ବେସରକାରୀ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ତଦନ୍ତ ପାଇଁ ଯାଇଥିଲେ ।ବେସରକାରୀ ବ୍ୟକ୍ତିଙ୍କୁ ଦେଖି ବୃଦ୍ଧା ଜଣକ ଭୟଭୀତ ହୋଇଯାଇଥିଲେ। ଦୀର୍ଘ ଦଶ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବୃଦ୍ଧା ଙ୍କୁ ତାଙ୍କର ଦୁଇ ପୁଅ ପଚାରୁ ନଥିବା ବେଳେ ସେ ବହୁତ୍ ଅସୁବିଧାରେ ଜୀବନ ବିତାଉଛନ୍ତି ।ପୁଅ ବୋହୂ ନ ପଚାରିବା ପରେ ରାସନ୍ କାର୍ଡ କଟିଜିବା ତାଙ୍କ ଉପରେ ବୋଝ ଉପରେ ନଳିତା ବିଡା ସାଜିଛି। ଯୋଗାଣ ଅଧିକାରୀ ତାଙ୍କୁ ବିଭିନ୍ନ ଧମକ ଦେଇ ଭୟଭିତ୍ କରାଇ ଦେଇଛନ୍ତି। ଫଳରେ ମହିଳା ଜଣଙ୍କ ଭୟରେ ଅସୁସ୍ଥ ହୋଇପଡ଼ିଛନ୍ତି। ଏତେ ଲୋକଙ୍କୁ ସାଙ୍ଗରେ ନେଇ ଯୋଗାଣ ଅଧିକାରୀ ତଦନ୍ତ କରିବାକୁ ଯିବା ଯୋଗାଣ ବିଭାଗ ର ସ୍ୱଚ୍ଛତା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଶାଳନିଆଁ ପଞ୍ଚାୟତ ରାଧାରାଣୀ ରାଉଳ ବଞ୍ଚିଥିବା ବେଳେ ତାଙ୍କୁ କାଗଜ କଲମ ରେ କିଏ ମାରିଦେଲେ ।କିଏ ଏହି ମୃତ ରିପୋର୍ଟ ଦେଇ ତାଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ କାର୍ଡ କୁ କାଟି ଦେଇଛନ୍ତି ।ତାହାର ତଦନ୍ତ ଏବେ ରହସ୍ୟ ଘେରାର ଥିବା ବେଳେ ଯୋଗାଣ ଅଧିକାରୀଙ୍କ ଧମକ ଘଟଣାକୁ ଏକ ଭିନ୍ନ ମୋଡ ନେଉଛି। ହାଟଡିହି ବ୍ଲକ ରେ ଅସାଧୁ ଓ ମୁନାଫାଖୋର୍ ଯୋଗାଣ ଅଧିକାରୀଙ୍କ ଉପରେ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହ ବୃଦ୍ଧଙ୍କୁ ତୁରନ୍ତ ରାସନ୍ କାର୍ଡ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି। ମୁଖ୍ୟମନ୍ତ୍ରୀ ଙ୍କ ନିଜ ଜିଲ୍ଲା ରେ ଅସାଧୁ ଅଧିକାରୀଙ୍କ ପାଇଁ ଏହି ଭଳି ଘଟଣା ଦେଖିବାକୁ ମିଳୁଛି।

# ସରସ୍ୱତୀ ଶିକ୍ଷା ନିକେତନର ୧୪ ତମ ବାର୍ଷିକ ଉତ୍ସବ
## ଶିକ୍ଷା ନିକେତନ କୁନି କୁନି ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାପକାଠି



ବାଲେଶ୍ୱର ୨୮/୨(ନି.ପ୍ର): ଜିଲ୍ଲା ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିକ୍ଷା ନିକେତନର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ପ୍ରଧାନ ଶିକ୍ଷକ ଭାଗୀରଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ତଥା ଯୁବ ସମାଜସେବୀ ସୁମନ୍ତ କୁମାର ଜେନା ଯୋଗଦେଇ ବିବିଧତା ଭିତରେ ଏକତା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଭାରତରେ ପ୍ରାଚୀନ କାଳରୁ ଗୁରୁଶିଷ୍ୟ ପରମ୍ପରା ଏକ ଶ୍ରେଷ୍ଠ ନିଦର୍ଶନ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢିତୋଳିବା ଓ ସେମାନଙ୍କୁ ଉଚିତ୍ ? ? ମାର୍ଗ ପ୍ରଦର୍ଶନ କରିବା ଗୁରୁଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ ପ୍ରକାଶ କରିବା ସହିତ ବଡ଼ ମଣିଷ ନୁହେଁ ଭଲ ମଣିଷ ଗଢ଼ିବା ପାଇଁ ଉପସ୍ଥିତ ଗୁରୁଜୀ- ଗୁରୁମା ଏବଂ ଅଭିଭାବକ ଓ ଅଭିଭାବିକା ମାନଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତା ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟଜି, ସମ୍ମାନିତ ଅତିଥି ଲଙ୍ଗଳେଶ୍ୱର ଆଞ୍ଚଳିକସାଧନ କେନ୍ଦ୍ରର ସଂଯୋଜକ ସୁଶାନ୍ତ କୁମାର ରାଉଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ଶିକ୍ଷା ନିକେତନର ପ୍ରତିଷ୍ଠାତା ଅନିରୁଦ୍ଧ ଜେନା ସମ୍ପାଦକୀୟ ଓ ବିଦ୍ୟାଳୟର ବିବରଣୀ ପାଠ କରିଥିବା ବେଳେ ଗୁରୁମା ସୁପ୍ରଭା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ସଭା କାର୍ଯ୍ୟ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ମନୋଜ ପଟ୍ଟାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରରେ ନୂତନ କର୍ମକର୍ତ୍ତା ଚୟନ

ବସ୍ତା ୨୮/୨(ନି.ପ୍ର): ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ବାହାର୍ଦ୍ଦାଠାରେ ୨୦୦୭ରୁ ଆରମ୍ଭ ହୋଇଥିବା ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ୧ଶହ୬୦ରୁ ଉର୍ଦ୍ଧ ଅଧ୍ୟୟନ କରୁଛନ୍ତି । ଏହି ଅବସରରେ ଆଜି ନୂତନ କର୍ମକର୍ତ୍ତାଚୟନ ହୋଇଯାଇଅଛି ।ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଗକୁଳଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଏକ ବୈଠକରେ ସମସ୍ତ ସଦସ୍ୟଙ୍କ ଅନୁମୋଦନ କ୍ରମେ ସମାଜସେବୀ ସୁମନ୍ତ କୁମାର ଜେନାଙ୍କୁ ନୂତନ ସଭାପତି ଭାବେ ଚୟନ କରା ଯାଇଛି ।ସେହିପରି ସମ୍ପାଦକ ହିରନ୍ୟକୁମାର ବିଶ୍ୱାଳ କୋଷାଧ୍ୟକ୍ଷ ନିରଞ୍ଜନ ବେହେରା ସଦସ୍ୟ ସନ୍ତୋଷ କୁମାର ନାୟକ ରାଜକିଶୋର ମହାନ୍ତି ଦୁର୍ଗାଶଙ୍କର ଦାସ ତ୍ରିଲୋଚନ ବରଶଚିନ୍ଦ୍ର ପ୍ରଧାନ ତାପସ କୁମାରଜେନା ପ୍ରମୂଖ ଉପସ୍ଥିତ ଥିଲେ ।ପ୍ରତ୍ୟେକ ବର୍ଷ ଏହି ଶିକ୍ଷା କେନ୍ଦ୍ରରୁ ପିଲାମାନେପରୀକ୍ଷାରେ ଭଲ ନମ୍ବର ରଖି ବିଦ୍ୟାଳୟର ମାନ ରଖିଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀବେହେରା ପ୍ରକାଶ କରିଛନ୍ତି ।ବିଦ୍ୟାଳୟର ଭୌଗଳିକ ପରିସ୍ଥିତି ପିଲାମାନଙ୍କ ମା ବାପାଙ୍କ ଭୂମିକା ତଥା ଗୁରୁମା ଗୁରୁଜି ମାନଙ୍କର ଅକ୍ଲାନ୍ତ ପରିଶ୍ରମରେ ଶିକ୍ଷା କ୍ଷେତ୍ରରେ ନୂତନତ୍ୱ ଆସିବ ବୋଲି ନବ ନିଯୁକ୍ତ ସଭାପତି ସୁମନ୍ତ କୁମାର ଜେନା ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଗୁରୁମା ଶାନ୍ତି ଲତାଗାଣ ଦେବୀରାଣୀ ଗିରି ଗିରିଜାବାଳା ଘୋଷ ଧରିତ୍ରୀ ପାତ୍ର ମାନସୀଦାସ ସୁକନ୍ୟା ମହାନ୍ତି ପରିଚାଳନା କରିଥିଲେ, ଗୁରୁଜୀ ଉତ୍ତମ କୁମାର ଜେନା ଧନ୍ୟବାଦ ଜଣାଇଥିଲେ।

# ଘରପୋଡି ପରିବାରକୁ ସହାର୍ଯ୍ୟର ହାତ ବଢ଼ାଇଲେ ସମାଜସେବୀ ସଞ୍ଜୟ ପ୍ରଧାନ

ଆଠମଲ୍ଲିକ୨୮/୨(ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଷୋଳପଦା ଅଞ୍ଚଳ ଆମ୍ବଶରମୁଣ୍ଡା ପଂଚାୟତ ଅନ୍ତର୍ଗତ ମହାଧରପୁର ଗ୍ରାମର ଘଟିତଳ ସାହିରେ ପ୍ରମୋଦ କୁମାର ନାୟକ ଙ୍କ ର ଗତ ତା ୨୨/୨/୨୫ ରିଖ ଶନିବାର ଦିନ ଘରପୋଡି ଯାଇଥିବା ଖବର ପାଇ ଆଠମଲ୍ଲିକ ଅଂଚଳର ଯୁବ ସମାଜସେବୀ ସଞ୍ଜୟ କୁମାର ପ୍ରଧାନ ଆଜି ଘଟଣା ସ୍ଥଳରେ ପହଂଚି ଘରପୋଡ଼ି ପରିବାରକୁ ସମବେଦନା ଜଣାଇବା ସହ ଲୁଗାପଟା, ଚାଉଳ, ଡାଲି, ଚୁଡା, ଚିନି, ବିସ୍କୁଟ ନେଇ ସହଯୋଗ କରିଥିବା ଦେଖିବାକୁ ମିଳିଛି ।

# କଲ୍ୟାଣସିଂହପୁର ସମିତି ବୈଠକ



କଲ୍ୟାଣସିଂହପୁର,୨୮/୨(ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଦଭାବନା ଗୃହଠାରେ ସମିତି ବୈଠକ ଅନୁଷ୍ଠିତ ହୋଇଛି । ସମିତି ଅଧ୍ୟକ୍ଷା ଏମ୍ରିତା କାଦ୍ରାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ମନୀଷା ଦାସ, ଉପାଧ୍ୟକ୍ଷ ଡମ୍ବରୁ କଞ୍ଜା।କା ,ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା ,ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ ,ସିହେଚ ନାଗେଶ୍ୱର ରାଓ ପ୍ରମୁଖ ମଞ୍ଚାସିନ ରହିଥିଲେ । ସମିତିର ଉନ୍ନୟନମୂଳକ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା ।ବ୍ଲକରେ ମୁଖ୍ୟତଃ ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଶିକ୍ଷା, ଆବାସ ଯୋଜନା,ଉତ୍ତା ରାସ୍ତାଘାଟ ବିଷୟରେ ଆଲୋଚନା କରିଥିଲେ । ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ,୧୪ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହାକୁ ବ୍ଲକ ସାମାଜିକ ଶିକ୍ଷା ସଂଗଠକ ବିଶ୍ୱଜିତ ସିଂ ସାମନ୍ତରାୟ ପରିଚାଳନାରେ ସହଯୋଗ କରିଥିଲେ ।

# ସେବା ମହୋତ୍ସବର ପଞ୍ଚମ ଦିବସରେ ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର



ବୌଦ୍ଧ, ୨୮/୨(ନି.ପ୍ର): ବୌଦ୍ଧ ଜିଲ୍ଲା 'ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକ' ଆନୁକୂଲ୍ୟରେ ଚଳିତ ବର୍ଷ ବୁରୁବୁଡ଼ା ଗୁପ୍ତେଶ୍ୱର ଶିବ ମନ୍ଦିର ପରିସରରେ ଚାଲୁ ରହିଥିବା ରାଜ୍ୟ ସ୍ତରୀୟ ଦ୍ୱିତୀୟ ସେବା ମହୋତ୍ସବ ସୋମବାର ଦିନ ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିସରରେ ରହିଥିବା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିବା ଏହି ଦୁଇ ଶିବିରକୁ ମନ୍ଦିର ପରିଚାଳନା କମିଟି ର ସମ୍ପାଦକ ଲବ କିଶ୍ୱର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଙ୍କୁର ସେଠି, ଆସୋସିଏସନର ସଭାପତି ସୁକାନ୍ତ ପଟ୍ଟନାୟକ, ସମ୍ପାଦକ ଭାଗବତ ମେହେର ଓ ଯୁବ ରେଡ଼କ୍ରସ ବୌଦ୍ଧ ଜିଲ୍ଲା ସଂଯୋଜକ ସୁରେଶ୍ୱର ଯୋଶୀ, ପତଞ୍ଜଳି ଯୋଗ ସମିତିର ରାଜ କିଶୋର ଅଗ୍ରୱାଲ ଓ ବାଳ କୃଷ୍ଣ ନାଏକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

ଆଜି ସେବା ଧର୍ମୀ 'ରାଜ୍ୟ ସ୍ତରୀୟ ଦ୍ୱିତୀୟ ସେବା ମହୋତ୍ସବ' ପଞ୍ଚମ ଦିବସରେ ଆସୋସିଏସନ ପକ୍ଷରୁ ହାତକୁ ନିଆଯାଇଥିବା ଚକ୍ଷୁ ଚିକିତ୍ସା ଶିବିରରେ ଅଂଚଳର ବହୁ ବୃଦ୍ଧ ବୃଦ୍ଧା ସହିତ ଜନ ସାଧାରଣ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଏବଂ ଚିକିତ୍ସା କରାଇ ଥିଲେ । ଛଅ ଜଣ ଚକ୍ଷୁ ରୋଗୀଙ୍କୁ ଚକ୍ଷୁ ଅସ୍ତ୍ରପ୍ରଚାର ପାଇଁ ଚିହ୍ନଟ କରି ସୋନପୁର ଜିଲ୍ଲା ମହାନଦୀ ନେତ୍ର ଚିକିତ୍ସାଳୟ ପାଣ୍ଡପାଲି କୁ ଡାକ୍ତରଖାନା ପକ୍ଷରୁ ନିଜ ହେପାଜତ ରେ ନିଆଯାଇଥିବା ବେଳେ ଅନ୍ୟ ମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା ।

ସେହିପରି ରକ୍ତଦାନ ଶିବିର ରେ ବୌଦ୍ଧ ରକ୍ତ ଭଣ୍ଡାର ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ୨୧ୟୁନିଟ ରକ୍ତ ସଂଗ୍ରହ କରାଯାଇ ରକ୍ତ ଭଣ୍ଡାର କୁ ପଠାଯାଇଥିଲା । ଚକ୍ଷୁ ଚିକିତ୍ସା ଶିବିର ରେ ପଣ୍ଡାପାଲି ଚକ୍ଷୁ ବିଶେଷଜ୍ଞ ଙ୍କ ଦ୍ୱାରା ଚକ୍ଷୁ ଚିକିତ୍ସା କରାଯାଇଥିବା ବେଳେ ରକ୍ତଦାନ ଶିବିର ରେ ବୌଦ୍ଧ ରକ୍ତ ଭଣ୍ଡାର ଡାକ୍ତର, ଟେକନିସିଆନ, କର୍ମଚାରୀ ଓ ଯୁବ ରେଡ଼କ୍ରସ ଜିଲ୍ଲା ସଂଯୋଜକ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।

ଆଜିର ଏହି ଦୁଇ ଶିବିର କୁ ଆସୋସିଏସନ ସମସ୍ତ ସଦସ୍ୟ, ମନ୍ଦିର ପରିଚାଳନା କମିଟି, ତିଲେଶ୍ୱର ବଜାର ଆସୋସିଏସନ ର ସଦସ୍ୟ ସାହାଯ୍ୟ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

ଆଠମଲ୍ଲିକ ୨୮/୨(ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ର ପଚାୟତ ସମିତି ସଭାକକ୍ଷ୍ୟ ରେ ଆଜି ଜିଲ୍ଲାପାଳ ଅନୁଗୋଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅବୁଦଲ ଏମ ଅଖତର ଅଧକ୍ଷତା କରିଥିବା ବେଳେ ଏଡିଏମଓ (ରାଜସ୍ୱ ବିଭାଗ ) ଉଦୟ ମହାପାତ୍ର, ଏପିଡ଼ି ପଦ୍ମଲାଭ ସାମନ୍ତରାୟ, ଡ଼ିଏଫଓ ସନ୍ତୋଷ କାପୁଲ, ଉପଜିଲ୍ଲାପାଳ ଡ଼କ୍ଟର ଦିଲ୍ଲିପ କୁମାର ବେହେରା ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ମୋଟ ୩୧ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୨୮ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୨ ଟି ସାମୁହିକ ଅଭିଯୋଗ ହୋଇଛି । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ନଗଦ ୫୦୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି ।

# ବ୍ରାଇଟ୍ ବିକନ୍ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୮/୨(ନି.ପ୍ର): ବ୍ରାଇଟ୍ ବିକନ୍ ସ୍କୁଲର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ନିରୁପମା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅରବିନ୍ଦ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଡ. ପଦ୍ମାଳୟା ନାଥ ଓ ସମ୍ମାନିତ ଅତିଥି ରୂପେ ଡାଫୋଡିଲ୍ ସ୍କୁଲର ନିର୍ଦ୍ଦେଶକ ବିରଜା ପଟ୍ଟନାୟକ, ବ୍ରାଇଟ୍ ବିକନ୍ ସ୍କୁଲର ଅଧ୍ୟକ୍ଷା ପୁଷ୍ପା ସିଂଦେଓ ପ୍ରମୁଖ ଯୋଗଦେଇ ବ୍ରାଇଟ ବିକନ ସ୍କୁଲର ଗୁଣବ□। ଓ ଶିକ୍ଷାପଦ୍ଧତିକୁ ପ୍ରଶଂସା କରିବା ସହିତ ପିଲାମାନଙ୍କ ଭବିଷ୍ୟତ ନିମ˚ ସ୍କୁଲ ଦ୍ୱାରା ପରିଚାଳିତ ଭିନ୍ନ ଭିନ୍ନ ଶିକ୍ଷାଭି□କ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନି କନି ପିଲାମାନଙ୍କ ଏକକ ନୃତ୍ୟ, ଦଳୀୟ ନୃତ୍ୟ ଓ ଏକକ ଅଭିନୟ ଅତ୍ୟ˚ ଚି□ାକର୍ଷକ ଥିଲା। ଅଙ୍କିତ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା, ସୁମିତ୍ରା, ସୁଚିତ୍ରା, ଲୁସ୍ମିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଭିଭାବକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

# ନାବାର୍ଡ ପକ୍ଷରୁ ମେଗା ଋଣ ମେଳା ଓ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୮/୨(ନି.ପ୍ର): ନାବାର୍ଡ କଟକ ପକ୍ଷରୁ ତ୍ରିଶୂଳିଆ ବଜାର ସ୍ଥିତ ଏକ ମଣ୍ଡପରେ ଜିଲ୍ଲାସ୍ତରୀୟ ମେଗା ଋଣ ମେଳା ଓ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ କଟକ ଜିଲ୍ଲା ଡିଜିଏମ୍ ପ୍ରକସୀମା ପରିଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସାଂସଦ ଭ□ହରି ମହତାବ ଯୋଗ ଦେଇ ନାବାର୍ଡର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ହିତାଧିକାରୀମାନଙ୍କୁ ୨୯.୬୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବ□ନ କରିଥିଲେ। ନାବାର୍ଡ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ ମିଶ୍ର ଯୋଗଦେଇ ମହିଳା ମାନଙ୍କର ବିକାଶ ହେଲେ ଗ୍ରାମା□ଳର ପ୍ରକୃତ ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ ସିଜିଏମ୍ ଏସ୍ କେ ତାଲୁକଦାର, ଓଡିଶା ଗ୍ରାମ ବ୍ୟାଙ୍କ ଚେୟାରମ୍ୟାନ ରିଷି ସିଂ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅନ˚ କୁମାର ସାମଲ ଓ ନାବାର୍ଡ ଏଜିଏମ୍ ଅନାମିକା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ, କିଶାନ କ୍ରେଡିଟ କାର୍ଡଧାରୀ କୃଷକ ଏବଂ ବିଭିନ୍ନ ଋଣ ହିତାଧିକାରୀମାନେ ଯୋଗଦେଇ ଋଣ ମୁରୀ ପତ୍ର ଗ୍ରହଣ କରିଥିଲେ। ଓଜିବି ପକ୍ଷରୁ ୨୬.୭୭ କୋଟି, କଟକ ସିସିବି ପକ୍ଷରୁ ୨.୫୨ କୋଟି ଓ ବାଙ୍କି ସିସି ତରଫରୁ ୦.୩୫ କୋଟି ଟଙ୍କା ଋଣ ମୁର କରାଯାଇଥିଲା। ପ୍ରାରମ୍ଭରେ ସିଏଫ୍‌ଏଲ୍ ବାରଙ୍ଗ କ□ାପଡା ପକ୍ଷରୁ ମା ମାନଙ୍କ ମଧ୍ୟରେ ଆର୍ଥିକ ଅ˚ଭୁକ୍ତ ସମ୍ପର୍କରେ ଏକ ସଚେତନତା କର୍ମଶାଳା ହୋଇଥିଲା। କାର୍ଯ୍ୟକ୍ରମକୁ ଓଡିଶା ଗ୍ରାମ ବ୍ୟାଙ୍କ ଶାଖା ପରିଚାଳକ, ପରିଚାଳିକା, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧିକାରୀ, ନିଗମ ସଂଗଠନର ସମ୍ପାଦକ ସୁରେଶ କୁମାର ତ୍ରିପାଠୀ ଓ ଅନ୍ୟ ପଦାଧିକାରୀମାନେ ପରିଚାଳନା କରିଥିଲେ। ନାବାର୍ଡ ସିଜିଏମ୍ ସମୀର ରନ ସାମ˚ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକୀୟ

# ଶିଶୁମାନଙ୍କ ପାଇଁ 'ଆଶୀର୍ବାଦ'

ମହାମାରୀ କରୋନାରେ ପିତା-ମାତାଙ୍କୁ ହରାଇ ଅନାଥ ହୋଇଯାଇଥିବା ଶିଶୁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ନାମକ ଏକ ନୂତନ ଯୋଜନା ଘୋଷଣା କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଏହା ନିଶ୍ଚିତ ଯେ, ମହାମାରୀ କରୋନାରେ ରାଜ୍ୟରେ ଶହଶହ ଶିଶୁ ଉଭୟ ମା'ବାପା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଛେଉଣ୍ଡ ହୋଇଯାଇଛନ୍ତି। ମହାମାରୀରେ ଉଭୟ ମା' ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ୨୫୦୦ ଟଙ୍କା, କେବଳ ମା କିମ୍ବା ବାପା ତଥା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ମାସିକ ୧୫୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେମାନଙ୍କ ଲାଳନପାଳନ ଦାୟିତ୍ୱ ନେଇଥିବା ସଂପର୍କୀୟଙ୍କ ବ୍ୟାଙ୍କ ଖାତାରେ ଏହି ଅର୍ଥ ଜମା ହେବ। ଅନାଥଙ୍କ ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ ଓ ଭରଣପୋଷଣରେ ଏହି ଟଙ୍କା ଖର୍ଚ୍ଚ ହେବ। ତେବେ ଅନାଥ ଶିଶୁଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଏହି ସହାୟତା ମିଳିବ। କେବଳ ଏତିକି ନୁହେଁ, ଅନାଥ ପିଲାମାନେ ଯେଉଁ ସ୍କୁଲରେ ପଢୁଥିଲେ, ସେହି ସ୍କୁଲରେ ପଢିବେ କିମ୍ବା ସେହିମାନର ଯେକୌଣସି ବିଦ୍ୟାଳୟରେ ପାଠ ପଢିପାରିବେ। ଆବଶ୍ୟକ ହେଲେ ସେମାନଙ୍କୁ ଆଦର୍ଶ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପରି ଉନ୍ନତ ମାନର ସ୍କୁଲରେ ଶିକ୍ଷା ପାଇପାରିବେ। ଆହୁରି ମଧ୍ୟ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ସବୁଜ ପଥ (ଗ୍ରୀନ ପ୍ୟାସେଜ) ଯୋଜନାରେ ସହଯୋଗ ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅନାଥ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ସ୍ୱାସ୍ଥ୍ୟସେବା ସୁବିଧା ଦିଆଯିବ। ସେହିପରି ସେମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଜନା କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଅନାଥ ଶିଶୁ ରହୁଥିବା ଆତ୍ମୀୟ ସ୍ୱଜନ ଯଦି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାର ସାମିଲ ହେବାକୁ ଯୋଗ୍ୟ ହୋଇଥାନ୍ତି, ତେବେ ଅଗ୍ରାଧିକାର ଭିତିରେ ତାଙ୍କୁ ଘର ଯୋଗାଇ ଦିଆଯିବ। କେବଳ ଆବାସ ଯୋଜନା ନୁହେଁ, ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଦିଆଯିବ। ସେହିପରି ଅନାଥ ଶିଶୁର ସଂପତିର ସୁରକ୍ଷା ପାଇଁ ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା, ତହସିଲଦାର ଓ ପୋଲିସ ମିଳିତ ପଦକ୍ଷେପ ନେବେ। ଆତ୍ମୀୟ ସ୍ୱଜନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସୁବିଧା ସୁଯୋଗ ଘୋଷଣା କରିଛନ୍ତି। ତାହା ନିଶ୍ଚିତ ଭାବରେ ଅନାଥ ଶିଶୁର ଯନଃ ଦାୟିତ୍ୱକୁ ସୁନିଶ୍ଚିତ କରିବ, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଅନାଥ ଶିଶୁଙ୍କ ସଠିକ୍ ଠାବ। କରୋନା ମୃତ୍ୟୁର କୌଣସି ସଠିକ ତାଲିକା ନଥିବାରୁ ଅନାଥ ଶିଶୁଙ୍କୁ ଚିହ୍ନଟ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇପାରେ। କହିବା ବାହୁଲ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର) ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାମାରୀ କରୋନାରେ ଓଡିଶାରେ ୧୦୭୩ ଜଣ ଶିଶୁ ଉଭୟ ପିତାମାତା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି କିନ୍ତୁ ଓଡିଶା ସରକାରଙ୍କ ତଥ୍ୟ ଅନୁଯାୟୀ ମହାମାରୀରେ ୨୩୫ ଜଣ ଶିଶୁ ଅନାଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ ଉଭୟ ବାପା ଓ ମା'ଙ୍କୁ ହରାଇଥିବା ବେଳେ ଅନ୍ୟ ୧୯୭ ଜଣ ଶିଶୁ କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟ ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ବାସ୍ତବରେ ରାଜ୍ୟରେ କେତେ ଶିଶୁ ଅନାଥ ହୋଇଛନ୍ତି, ତାହା ସଠିକ ଗଣନା ସାଂପ୍ରତିକ ସମୟରେ ସବୁଠାରୁ ବଡ ଆବଶ୍ୟକତା। ଅନାଥ ଶିଶୁଙ୍କ ସଠିକ ଚିହ୍ନଟ ବିନା ଯୋଜନାର କିଛି ମୂଲ୍ୟ ନାହିଁ। ଯୋଜନା କେବଳ ଯୋଜନାରେ ରହିଯିବା ସାର ହେବ। ଅବଶ୍ୟ 'ଆଶୀର୍ବାଦ' ଯୋଜନାରୁ ଜଣେ ହେଲେ ଅନାଥ ଶିଶୁ ଯେପରି ବାଦ୍ ନପଡନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ଶିଶୁ ଚିହ୍ନଟ ପାଇଁ ପଂଚାୟତର ସରପଂଚମାନଙ୍କ ଠାରୁ ଜିଲ୍ଲାପାଳ ରିପୋର୍ଟ ତଲବ କରନ୍ତୁ, ଗ୍ରାମ ପଂଚାୟତ ସ୍ତରରୁ ଅନାଥ ଶିଶୁ ଚିହ୍ନଟ ହେଲେ, ରାଜ୍ୟରେ କେତେ ଶିଶୁ ମହାମାରୀରେ ଅନାଥ ହୋଇଛନ୍ତି। ତାହାର ସଠିକ ଗଣନା ସୁନିଶ୍ଚିତ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଦେଇଥିବା ରିପୋର୍ଟ ଅନୁଯାୟୀ ଦେଶରେ ୩୬୨୧ ଶିଶୁ ଉଭୟ ପିତାମାତାଙ୍କୁ ହରାଇଥିବାବେଳେ ୨୬,୧୭୬ ଜଣ କେବଳ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ସେହିପରି ୨୭୪ ଜଣ ପରିତ୍ୟକ୍ତ ହୋଇ ପଡିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୭୦୮୪ ଜଣ ଅନାଥ ହୋଇଥିବାବେଳେ ଉତରପ୍ରଦେଶରେ ୩୧୭୨, ରାଜସ୍ଥାନରେ ୨୪୮୨, ହରିୟାନାରେ ୨୪୩୮, ମଧ୍ୟପ୍ରଦେଶରେ ୨୨୪୩, ଆନ୍ଧ୍ରପ୍ରଦେଶରେ ୨୦୮୯, କେରଳରେ ୨୦୦୨, ବିହାରରେ ୧୬୩୪ ଜଣ ଶିଶୁ ଅନାଥ ହୋଇଥିବା କୁହାଯାଇଛି। ଅନାଥ ଶିଶୁଙ୍କ ପାଇଁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନାଥ ଶିଶୁଙ୍କ ପାଇଁ 'ଆଶୀର୍ବାଦ' ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ଅନ୍ୟ ରାଜ୍ୟପାଇଁ ଏହା ପଥ ପ୍ରଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ। ଯୋଜନାର ସୁଫଳ ଅନାଥଙ୍କ ନିକଟରେ ପହଁଚିବା ପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ।

# ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ



ମହାମାରୀ କରୋନା ଯୋଗୁଁ ବାତିଲ ହୋଇଥିବା ଦ୍ୱାଦଶ ବୋର୍ଡ ପରୀକ୍ଷାରେ ମାର୍କ ମୂଲ୍ୟାୟନ ପଦ୍ଧତି ସଂପର୍କରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ)ର ଘୋଷଣା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା କଳ୍ପନା-ଜଳ୍ପନା ଓ ଦ୍ୱନ୍ଦର ଅବସାନ ଘଟାଇଛି। ବୋର୍ଡ ସୁପ୍ରିମକୋର୍ଟଙ୍କୁ ମୂଲ୍ୟାୟନ ପଦ୍ଧତି ସଂପର୍କରେ ଅବଗତ କରାଇଛନ୍ତି। ଯାହାକୁ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହାସତ୍ତ୍ୱେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହାସତ୍ତ୍ୱେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା କିଛି କରିପାରନ୍ତି। ଅତୀତରେ ଓଡ଼ିଶାର ଏକ ଆବାସିକ ବିଜ୍ଞାନ କଲେଜର ୧୮ଜଣ ଛାତ୍ରଛାତ୍ରୀ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ରହିବା ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଯାହାର କ୍ରାଇମ ବ୍ରାଂଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ସାଂପ୍ରତିକ ସମୟରେ ଏଭଳି ଜାଲିଆତି ପ୍ରତି ପର୍ତ୍ତୃପକ୍ଷ ଧ୍ୟାନ ଦେବା ଜରୁରୀ। ଏହା ନିଶ୍ଚିତ ଯେ, ମହାମାରୀ କରୋନା ଶିକ୍ଷାକ୍ଷେତ୍ର ପ୍ରତି ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍କୁଲ ବନ୍ଦ ସହ ପରୀକ୍ଷା ବାତିଲ ଘଟଣା ବୋଧହୁଏ ଶିକ୍ଷା କ୍ଷେତ୍ର ଇତିହାସରେ ପ୍ରଥମ ଘଟଣା। ଭବିଷ୍ୟତରେ ମହାମାରୀ କରୋନା ଆହୁରି ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାଂପ୍ରତିକ ଘଟଣାବଳୀ ଭବିଷ୍ୟତରେ ପଥ ପ୍ରଦର୍ଶକ ହୋଇପାରେ। ତେବେ ବିଭିନ୍ନ ବୋର୍ଡ ଏବଂ ସରକାର ଏହାର ସ୍ଥାୟୀ ମୁକାବିଲା ପନ୍ଥା ନିର୍ଣ୍ଣୟ କରିବେ ବୋଲି ଆମର ଆଶା। ଆସନ୍ତା ଜୁଲାଇ ୩୧ ସୁଦ୍ଧା ଫଳାଫଳ(ରେଜଲ୍ଟ) ପ୍ରକାଶ କରିବାକୁ ବୋର୍ଡ ଘୋଷଣା କରିଛି। ରାଜ୍ୟ ସ୍ତରରେ +୨ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ଶିକ୍ଷାବୋର୍ଡ ଅନୁରୁପ ଢାଂଚା ଅନୁସରଣ କରିବା ଜରୁରୀ। ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ।

# ବିକ୍ଷତ ପରିବେଶ ପାଇଁ ମାୟାଦାୟୀ

ଆମ ସଂସ୍କୃତିର ଏକ ବାଣୀ ପୂର୍ଣ୍ଣରୁ ପୂର୍ଣ୍ଣ ଅନେକ ସୃଷ୍ଟି ହୋଇଗଲେ ବି ମୂଳପୂର୍ଣ୍ଣ ସେମିତି ଅକ୍ଷତ ରହିଥାଏ। ଏହା ଜ୍ଞାନୀଙ୍କର ସାର୍ବଜନୀନ ସନ୍ତ୍ୱନା ଉପଦେଶ ବା ଜ୍ଞାନ ହୋଇପାରେ। ମାତ୍ର ସଂସାରୀ ଜୀବକୁ ମାୟା ଘେରି ରଖିଛି। ଏକ ମାୟାର ପୁଣି ଅନେକ ମାୟା ଶାଖା ମେଲାଇ ଏକ ବିଶାଳ ମାୟାଦ୍ରୁମ ସମସ୍ତ ସଂସାରୀଙ୍କ ଜୀବନ କାଳରେ ଫଳ ପୁଷ୍ପର ରୂପ ନେଉଛି ଏ ମାୟା ବୃକ୍ଷ ସ୍ତମ୍ଭ, ଚେର, ଅଙ୍ଗ, ପତ୍ର ଫଳ ଫୁଲ ପରି ସବୁଥିରେ ମାୟାଚାରା ସୃଷ୍ଟିକାରୀ। ଯତି ସନ୍ନ୍ୟାସୀ ଏହି ମାୟାରେ ନପଡ଼ିବା ପାଇଁ ବହୁ ଦ୍ରବ୍ୟ ଛାଡ଼ନ୍ତି ବ୍ୟକ୍ତି ସମ୍ବନ୍ଧ ଛାଡ଼ନ୍ତି ସ୍ଥାନମୋହ ବହୁ ବ୍ୟବହାରିକ ସମ୍ବନ୍ଧ ଛାଡ଼ନ୍ତି, ସଂସାରୀର ଯୌବନ ପୌଢ଼କାଳ ଶେଷ ପରେ ବାନପ୍ରସ୍ଥ ଯତିବ୍ରତ ପଥ ଧରିବାକୁ ଜ୍ଞାନୀମାନେ ବିଷୟ ବିଷର ଜ୍ୱାଳାମୁକ୍ତ ପାଇଁ ପରାମର୍ଶ ଦେଉଛନ୍ତି। ଏକରୁ ଅନେକ ପୁଣି ଅନେକରୁ ଏକ ଦୁଇପଥ ଯାହା ଧାର୍ଯ୍ୟ। ଏମଧ୍ୟରେ ବ୍ୟକ୍ତି ଅନୁଷ୍ଠାନ ସମାଜ ସ୍ଥାନ ଦେଶ କାଳ ଜଡ଼ିତ। କାଳ ବହୁବିଦ୍ଧ ଏହାକୁ ଗଣିତ ସତ୍ୟରେ ମନୁଷ୍ୟ ତାର ଜୀବନ କାଳ ମଧ୍ୟରେ ଜନ୍ମ ମରଣ ଚକ୍ରରେ ସାର୍ବଜନୀନ ସମୟକୁ ଜୀବନର ଖସଡ଼ାରେ ପକାଇ କାର୍ଯ୍ୟ ସାଧନ କରାଉଛି। ଏମିତି ଦେଶ ବି ଚାଲିଛି ସବୁ ସ୍ଥାନ ବି ଚାଲିଛି। ଦେଶ ପାଇଁ ପ୍ରଶାସନ ରହିଛି ପ୍ରଶାସନ ପୂର୍ବପରି ଏବେ ଐକ୍ୟ ସିଦ୍ଧାନ୍ତରେ ନାହିଁ ତ୍ରିଧା ବିଭକ୍ତିରେ ଗଣତନ୍ତ୍ର ଧାରା ଲାଗୁଛି। ବଂଶାନୁକ୍ରମ ବା ପୁରୁଷାନୁକ୍ରମ ପ୍ରଶାସନ ବିରୁଦ୍ଧ ଗଣତନ୍ତ୍ରରେ ରହିଲେ ବି ମାଯି ପଡ଼ିଛି, ମାଟିର ମାୟା କାହାକୁ ଛାଡୁନାହିଁ। ମାଟି ପାଇଁ କେତେ କେତେ ରାଜ ଯୁଦ୍ଧରେ ଯୁଦ୍ଧରେ ଶେଷ ହେଲେ ବି ମୋହ ମାୟାରେ ସେହି ଗତାନୁଗତ ଧାରା ବିଲୁପ୍ତ ନାହିଁ।

ରୂପ ବଦଳାଇ ମାୟା ଆସେ। ମନୁଷ୍ୟ କ'ଣ ସବୁଜୀବ ଏମିତି ସେହି ମାୟାରେ ପଡ଼ି ସର୍ବହାନି ଏପରି ପ୍ରାଣହାନି କରିଥାନ୍ତି। ଫାଶ, ଫଶାଇବା ଧାରା ମାୟାର ଅଛି। ବିଷ୍ଣୁମାୟା ଏପରି ଏଥିରୁ ଦେବତାଙ୍କୁ ମୁକ୍ତ ହେବା ସମ୍ଭବନା ନାହିଁ। ଖୋଦ ବିଷ୍ଣୁପତ୍ନୀ ଲକ୍ଷ୍ମୀ ସରସ୍ୱତୀ ତାଙ୍କ ପାଖରେ ଥିଲେ ବି ବିଷ୍ଣୁ ଅବତାର ବେଳେ ସେ ବି ଜାଣିପାରିନଥାନ୍ତି। ତନ୍ତ୍ରରେ ୨୨ଟି ପାବଛ୍ଛ ଅଛି। ସର୍ବଶେଷ ପାବଛ୍ଛ ନାମ ହିଁ ବିଷ୍ଣୁମାୟା। ଏହି ମାୟାକୁ ଭେଦ ପାଇଁ ୧ରୁ ୨୧ ପାହାଚ ଚଢ଼ିବା ବା ଅତିକ୍ରମକାରୀର ପୁଣି ଅନେକ ମାୟା ଆଶ୍ରିତ ବିଷ୍ଣୁମାୟା ହିଁ କରାଇ ଦିଏ।



ଚୁଳି ମାରିବା ନ ହେଲେ କାର୍ଯ୍ୟ ସୁନ୍ଦର ସାର୍ଥକ କେବେ ହୁଏନାହିଁ। ବାରଶହ ବଢ଼େଇ ବାରବର୍ଷ ଧରି କୋଣାର୍କ ମନ୍ଦିର ଗଢ଼ି ଚୁଳି ମରାହୋଇ ପାରିଲା ନାହିଁ। ସୁନ୍ଦର ଆଖି ଦୃଶିଆ କରି ପଥର ମୂ□ି ମାୟା ଦର୍ଶକଙ୍କୁ କିପରି କରାଇପାରିବ ଏହି ଚିନ୍ତାରେ ଦଳପତି ବିଷ୍ଣୁ ମହାରଣାଙ୍କୁ ବେଳକୁ ବେଳ ଲାଗି ଲାଗି ଚାଲୁଥିଲା। ପାଠଶାଠରେ ସଂସ୍କାର ବେଳକୁ ବେଳ ହୁଏ ଏଥିରେ ବି ମାୟା ଅଛି। ଧନୁ ବିଦ୍ୟା ହେଉ ଗଦା ବିଦ୍ୟା ହେଉ ଏଥିରେ ବାରମ୍ବାର ସଂସ୍କାର ହୋଇ ଆସୁଛି। ତ୍ରେତୟାରେ ହରଧନୁ ବିଷ୍ଣୁଧନୁ ପ୍ରସଙ୍ଗ ରହିଛି ଦ୍ୱାପରରେ ଗାଣ୍ଡିବ ଧନୁ ପ୍ରସଙ୍ଗ ରହିଛି ପୁଣି କଂସ ମହାରାଜାଙ୍କ ଧନୁଯାତ୍ରା ଉପାଖ୍ୟାନ ଅଛି। ଗଦାର ସ୍ଥୁଳ ସୂକ୍ଷ୍ମ ଦିଗର ସିଦ୍ଧାନ୍ତ ଏମିତି ଅଛି ଅତି ଓଜନ ଗ୍ରହ ଉପଗ୍ରହ କେମତି ଶୂନରେ ରହିଛି। ଜଳ ସୂକ୍ଷ୍ମରେ ବାଷ୍ପ ସ୍ଥୁଳରେ ସମୁଦ୍ର ପୁଣି ଆକାଶରେ ବର୍ଷା ଆଜି ଉପଗ୍ରହ ରକେଟ କ୍ଷେପଣାସ୍ତ୍ର ଉଡାଜାହାଜ କିପରି ଆକାଶରେ ବହୁ ଓଜନ ଦ୍ରବ୍ୟ ରହୁଛି ଏସବୁ ସେହି ଗଦାବିଦ୍ୟା। ମନ୍ଦିର ମୁଣ୍ଡିମରା ମୁଖ୍ୟ ସ୍ଥପତିଙ୍କର ଗୋଚରରେ ପୁରାତନ ପଦ୍ଧତିରେ ହୋଇପାରିବା ପାଇଁ ସମୟ ଆକଳନ ହୋଇପାରୁନଥିଲା। ତେବେ ତାଙ୍କର ପୁତ୍ର ଧର୍ମପଦ ରାତ୍ରୀକ ଭିତରେ ଏହା କରିଦେଲା। ହେଲେ ସମସ୍ୟା ସୃଷ୍ଟି ହେଲା, ଜନେ କଣ କହିବେ ରାଜାଙ୍କର ପ୍ରଶ୍ନବାଚୀର କିଏ କି ଉ□ର ଦେବ। ଆସନ୍ନ ଦଣ୍ଡ ଯେ ନିଶ୍ଚିନ୍ତ ଏହା ସମସ୍ତ କାରିଗର ଭାବି ଆତଙ୍କିତ। ଏଠାରେ ଲୋକକଥା ବାରଶ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ। ଏ ଦୁଇ ମାୟା, ଏ ମାୟାର ସିଦ୍ଧାନ୍ତ ଶୀଘ୍ର ନେବାକୁ ହେବ ହିଁ ହେବ। ନିଆଗଲା ଧର୍ମପଦର ସମୁଦ୍ର ଝାସ ବିଶୁ ମହାରଣାଙ୍କର ଜାତିରକ୍ଷା ପୁତ୍ରହାନି ଘଟିଲା। ଦଳ ରଖିଲେ ପ୍ରିୟଜନ ହାରିବାକୁ ପଡ଼ିବ, ପିୟଜନ ପାଇଁ ମମତା ରଖିଲେ ଅନେକ ବଡ଼ କ୍ଷତି ହୋଇଯାଇପାରେ। ରାଜପୁତ ରମଣୀମାନେ ଯବନ ଆକ୍ରମଣକାରୀଙ୍କ ଦ୍ୱାରା ତାଙ୍କର ସ୍ୱାମୀଙ୍କର ଜୀବନ ହାନି ବା ରାଜମହଲ ବା ସ୍ୱମହଲ ନିରାପ□। ଅସମ୍ଭବ ଜାଣି ଜହରବ୍ରତ ବା ପ୍ରାଣହାନି ଅନ୍ୟମାର୍ଗ ସାହାଯ୍ୟ ନେଉଥିଲେ। ତାଙ୍କର ଜୀବନ ଠାରୁ ସତୀତ୍ୱକୁ ବଡ଼ ଭାବି ନେଉଥିଲେ। ଧାଇପାନ୍ନା ନିଜପୁଅକୁ ମରାଇ ରାଜାପୁଅର ପ୍ରାଣ ବ□ାଇ ରଖିଥିଲେ ଏଠାରେ ନିଜପୁଅ ଠାରୁ ରାଜ୍ୟ ରକ୍ଷାର ଦାୟଦ ପ୍ରକୃତ ଦରକାର। ବଣିକ ଗୋଷ୍ଠୀ ସଦା ମାୟା କରନ୍ତି। ଅଭିଧାନରେ ଦ୍ରବ୍ୟ ଗୁଣରେ, ଦ୍ରବ୍ୟର ଗୁଣାବଳୀ ଯାହା ଲେଖାଅଛି ସେପରି ଦ୍ରବ୍ୟ ବଣିକ ଲୋକଙ୍କ ପାଇଁ କେଉଁଠୁ ବିକ୍ରୟ ପାଇଁ ବା ପ୍ରସ୍ତୁତ କରି ଖାଉଟିଙ୍କ ଯୋଗାଣ କରିଥାନ୍ତି। ପ୍ରତିଷ୍ଠିତ ନେତାମାନେ ତାଙ୍କ ପାଦ ଛୁଉଁଥିବା ଲୋକଙ୍କୁ କିଛି ଦୟା କରିବା ଜଣାଯାଉଛି। ଗୁରୁ ବନିବା ଭୁଲ ନୁହଁ ମାତ୍ର ଛଳ ଛଦ୍ମଧାରୀ କାର୍ଯ୍ୟ ହାସଲକୁ ଯେ ନଆସିଥିବେ ଏ କଥା ପ୍ରତିଷ୍ଠିତ ନେତା କେମିତି ଜାଣିବେ? ଭଷ୍ମାସୁରକୁ ବର ଦେଇ ଶିବ ପଳାୟନ କରିବା କ'ଣ ଜଣାନାହିଁ? ମଣ୍ଡୁକ କୃଷ୍ଣସର୍ପ କାହାଣୀ କ'ଣ ହେଜନାହିଁ ବଂଶ ମାରିବାକୁ ନିମନ୍ତ୍ରଣ କରି ସର୍ପ ମସ୍ତକରେ କେତେ ଦିନ ରହିହେବ? ଏହା ଜାଣିବା କ'ଣ ଭୁଲ? ସତ୍ୟମାର୍ଗ ନିଶ୍ଚୟ ସର୍ବରକ୍ଷାକାରୀ ସମସ୍ତ ବଣିକବୁଦ୍ଧି, ବ୍ରାହ୍ମଣ ବୁଦ୍ଧି, କ୍ଷତ୍ରୀୟ ବୁଦ୍ଧି, ସତ୍ୟମାର୍ଗରେ ଚାଲିଲେ ସଂସାରରେ ସୁସ୍ଥ ପରମ୍ପରା ଦୀର୍ଘଜୀବୀ ହେବ ନିଜର ବ□ିବା ସହିତ ଦେଶ କାଳପାତ୍ର ବି ସୁସ୍ଥରହିବ।



# ରାମସେତୁରେ ଜାକଲିନ୍

ଜ୍ୟାକଲିନ୍ ଫର୍ନାଡିଜ୍‌ଙ୍କ ଟେନସନ୍ ବଢ଼ିଯାଇଛି । ସେ ଏମିତି ପରିସ୍ଥିତିର ସାମ୍ନା କରିଛନ୍ତି ଯେ, ଏବେ ସେ ନା ପଛକୁ ଯାଇ ପାରୁଛନ୍ତି ନା ଆଗେଇ ପାରୁଛନ୍ତି । ଏପରି ପ୍ରୋବ୍ଲେମ୍‌କୁ ସେ କେମିତି ସମାଧାନ କରିବେ, ସେ ସମ୍ପର୍କରେ ଭାବି ଭାବି ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି । କଥା କଣ କି ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା । ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ତାଙ୍କର ଖୁସି ବନ୍ଧ ବାଡ ମାନି ନଥିଲା । ହେଲେ ଗୋଟିଏ କଥା ଜାଣିବା ପରେ ସେ ଏ ନେଇ କି ନିଷ୍ପତି ନେବେ ଅଡୁଆରେ ପଡିଯାଇଥିଲେ । କାରଣ ଏହି ନୂଆ ସିନେମାରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ତାଙ୍କୁ ନାଚିବାକୁ ପଡିବ । ପୁଣି ସେଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି । ଏସବୁ ଜାଣିବା ପରେ ଜ୍ୟାକଲିନ୍ ଏହି ଅଫରଟିକୁ ଗ୍ରହଣ କରିବେ ନା ମନା କରିବେ ଜାଣି ପାରୁନାହାନ୍ତି । ଏ ସମ୍ପର୍କରେ ଥଣ୍ଡା ମିଜାଜ୍‌ରେ ନିଷ୍ପତି ନେବାକୁ ସେ ପ୍ରଯୋଜକଙ୍କୁ କହିଛନ୍ତି । ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା ରାମସେତୁ ରେ ଅଭିନୟ କରୁଛନ୍ତି ।

# ପେଟ୍ରୋଲ ବଂଚାଇବ ହେଲମେଟ୍

ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେଇଥାଏ ହେଲମେଟ୍ । ଏଇକଥା ସମସ୍ତେ ଜାଣନ୍ତି । ତେବେ ନିକଟରେ ଏଭଳି ଏକ ହେଲମେଟ୍



ତିଆରି କରାଯାଇଛି, ଯାହା କି ଦୁର୍ଘଟଣାରେ ସୁରକ୍ଷା ଦେବା ସହ ପେଟ୍ରୋଲ ବି ବଂଚେଇବ । କେବଳ ସେତିକି ନୁହେଁ କିଛି ଅଘଟଣ ଘଟିଲେ ପୋଲିସ ଓ ଆମ୍ବୁଲାନ୍ସକୁ ବି ସୂଚନା ଦେଇଦେବ । ତାସହ ଏହାଦ୍ୱାରା ଟ୍ରାଫିକ୍ ବି ନିୟନ୍ତ୍ରଣ ହେବ । ଏହି ବହୁପୋଯୋଗୀ ସ୍ମାର୍ଟ ହେଲମେଟକୁ ତିଆରି କରିଛନ୍ତି ବାରଣାସୀର ଛାତ୍ର ଆଶିଷ ତ୍ରିପାଠୀ, ବିପିନ ଓ ସୁଲେଖା । ଟ୍ରାଫିକର ରେଡ୍ ଲାଇଟ୍ ଜଳିବା କ୍ଷଣି ଏହି ହେଲମେଟ୍ ଗାଡିର ଷ୍ଟାର୍ଟ ବନ୍ଦ କରିଦେବ । ଗ୍ରୀନ୍ ଲାଇଟ୍ ଜଳିବା ସହ ଗାଡି ଷ୍ଟାର୍ଟ ହୋଇଯିବ । ଟ୍ରାଫିକ୍ ସିଗ୍ନାଲ୍‌ର ୫୦ ମିଟର ପରିସର ଭିତରକୁ ଆସିବା କ୍ଷଣି ଏହା କାମ ଆରମଭ କରିଦିଏ । ଏଥିରେ ଲାଗିଥିବା ଟ୍ରାନ୍ସମିଟର ଯୋଗୁ ଦୁର୍ଘଟଣା ସମୟରେ ବହୁତ ସାହାଯ୍ୟ ମିଳିଥାଏ । ବିପିନ କହନ୍ତି, ଆମର ପୁରା ସିଷ୍ଟମ ରେଡିଓ ଫ୍ରିକ୍ୱେନ୍ସି ଟ୍ରାନ୍ସମିଟର ଦ୍ୱାରା କାମ କରିଥାଏ । ଏଥିରେ ୨ଟି ଟ୍ରାନ୍ସମିଟର ଓ ରିସିଭର ରହିଛି । ରିସିଭରଟି ବାଇକରେ ଲାଗିଛି । ଗୋଟିଏ ଟ୍ରାନ୍ସମିଟର ହେଲମେଟ୍‌ରେ ଲାଗିଛି, ଯାହା ପିନ୍ଧିବା କ୍ଷଣି ଆକ୍ଟିଭ ହୋଇଥାଏ । ଗାଡ଼ିରେ ଲାଗିଥିବା ରିସିଭର ଅନ୍ କରି ହେଲମେଟ୍ ପିନ୍ଧିଦେଲେ ବାଇକ୍ ଆପେ ଷ୍ଟାର୍ଟ ହୋଇଯାଏ । ଆଉ ଏକ ଟ୍ରାନ୍ସମିଟର ଟ୍ରାଫିକ୍ ସିଗ୍ନାଲ୍ ସିଷ୍ଟମ ପାଖରେ ଲଗାଯିବ । ଫରେ ରେଡ୍ ସିଗ୍ନାଲ୍ ବେଳେ ଗାଡିରେ ଲାଗିଥିବା ରିସିଭର ଟ୍ୟାନ୍ସମିଟର ସଂସ୍ପର୍ଶରେ ଆସି ଗାଡିକୁ ବନ୍ଦ କରିଦେବ । ସିଗ୍ନାଲ ଗ୍ରୀନ୍ ହେଲେ ଅଟୋମେଟିକ୍ ବାଇକ ଷ୍ଟାର୍ଟ ହୋଇଯିବ । କେବଳ ସେତିକି ନୁହେଁ ଦୁର୍ଘଟଣା ବେଳେ ହେଲମେଟରେ ଥିବା ସେନ୍ସର ଦୁର୍ଘଟଣାସ୍ଥଳର ଲୋକେଶନ୍ ପୋଲିସ, ଆମ୍ବୁଲାନ୍ସ ଓ ପରିବାର ଲୋକଙ୍କୁ ପଠାଇଦେବ ।

# ମ୍ୟାଜିକ ଡ୍ୟାନ୍ସ



ସୋସିଆଲ ମିଡିଆରେ ଏବେ ଏକ ଡ୍ୟାନ୍ସର ଭିଡିଓ ଭାଇରାଲ ହେଉଛି । ଏଥିରେ ଦେଖିବାକୁ ମିଳିଛି, ଜଣେ ମହିଳା ଡ୍ୟାନ୍ସରଙ୍କ ଡ୍ରେସ୍ ହଠାତ୍ ବଦଳି ଯାଉଛି । ଏହା ଦେଖି ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଭିଡିଓ ଆରମ୍ଭରେ ଦେଖାଯାଇଛି, ଜଣେ ଯୁବତୀ ନୀଳ ରଙ୍ଗର ଏକ ପୋଷାକ ପିନ୍ଧି ଠିଆ ହୋଇଛନ୍ତି । ସେ ତାଙ୍କ ପାର୍ଟନରଙ୍କ ସହ ଷ୍ଟେଜ୍‌କୁ ଆସୁଛନ୍ତି । ନାଚିବା ପରେ ହଠାତ୍ ତାଙ୍କ ଡ୍ରେସ୍ ରଙ୍ଗ ବଳଦିଯାଉଛି । ଭିଡିଓଟିକୁ ଫିଲ୍ମ ମେକର ଶିରିଶ କୁନ୍ଦର ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଭିଡିଓଟିକୁ ବର୍ତମାନ ୯୦ ହଜାର ଲୋକ ଦେଖିସାରିଲେଣି । ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଜଣେ ୟୁଜର ଲେଖିଛନ୍ତି, ମୁଁ ବର୍ତମାନ ସୁଦ୍ଧା ବୁଝି ପାରୁନାହିଁ ତାଙ୍କ ଡ୍ରେସ୍ କେମିତି ବଦଳିଗଲା । କେହି କହି ଏହାକୁ ମ୍ୟାଜିକ୍ ଡ୍ୟାନ୍ସ ବୋଲି ମଧ୍ୟ କହୁଛନ୍ତି । ଜଣେ ୟୁଜର କହିଛନ୍ତି, ବାରମ୍ବାର ଭିଡିଓ ଦେଖିବା ପରେ ଜାଣିଗଲି ତାଙ୍କ କପଡ଼ା କେମିତି ବଦଳିଲା, ମାତ୍ର ମୁଁ କହିବି ନାହିଁ ।

# ମହଙ୍ଗା ପଡ଼ିଲା ପାଇପ ସଜଡ଼ା

ବ୍ରିଟେନର ଜଣେ ପ୍ଲମ୍ବର ବା ପାଇପ ମିସ୍ତ୍ରୀଙ୍କ ବିଲ୍ ଏବେ ଚର୍ଚ୍ଚାରେ ରହିଛି । ଏହି ପ୍ଲମ୍ବର ଜଣକ ତାଙ୍କର ଜଣେ ଛାତ୍ରଙ୍କ ଘରେ ଭଙ୍ଗା ପାଇବ ସଜାଡ଼ିବାକୁ ପହଂଚିଲେ । ରୋଷେଇ ଘରେ ପାଇପ ସଜାଡ଼ି ଦେବାକୁ ମିସ୍ତ୍ରୀ ଜଣକ ୪ ଲକ୍ଷ ଟଙ୍କା ଦାବି କରିଥିଲେ । ତାଙ୍କ ବିଲ୍ ଦେଖି ଏସ୍ଲେ ଡଗ୍‌ଲସ୍ ନାମକ ଛାତ୍ରଙ୍କ ମୁଣ୍ଡ କିଛି କାମ କଲାନି । ୨୩ ବର୍ଷୀୟ ଏସ୍ଲେ ବର୍ତମାନ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି । କାରଣ ମିସ୍ତ୍ରୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗୁଛନ୍ତି । ସେ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡିଛନ୍ତି । ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ରୋଷେଇ ଘରେ ପାଇପରୁ ପାଣି ପଡୁଥିଲା । ସେ ଫୋରନ ପିଏମ୍ ପ୍ଲମ୍ବର ସର୍ଭିସକୁ ଫୋନ୍ କରିଥିଲି । ପାଇପ ମିସ୍ତ୍ରୀ ମେହଦୀ ପରଓ୍ୱି କାମ କରିଥିଲେ । ଯେତେବେଳେ ସେ ମୋତେ ବିଲ୍ ଦେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ୩୯୦୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୪ ଲକ୍ଷ ଟଙ୍କାର ସେ ବିଲ୍ ଦେଇଥିଲେ । ଯାହାକି ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା । ନିରୁପାୟ ହୋଇ ଏସ୍ଲେ ଥାନାରେ ଅଭିଯୋଗ କରିଛନ୍ତି ।

# ଶିଶୁକୁ ବିକି ପ୍ରେମିକା ସହ ବିଦେଶ ବୁଲିଲେ

ଚାଇନାର ଜଣେ ବ୍ୟକ୍ତି ନିଜ ଦୁଇ ବର୍ଷର ଶିଶୁପୁତ୍ରକୁ ବିକି ପ୍ରେମିକାଙ୍କ ସହ ବିଦେଶ ବୁଲିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ବ୍ୟକ୍ତି ଜଣକ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିଲେ । କିନ୍ତୁ ସେ ହିଁ ପିଲାର ଦେଖାଶୁଣା କରିବେ ବୋଲି କୋର୍ଟ ରାୟ ଦେଇଥିଲେ । ପରେ ବ୍ୟକ୍ତିଜଣକ କାମ କରିବାକୁ ଅନ୍ୟ ଏକ ସହରକୁ ଚାଲିଗଲେ । ପରେ ଆସି ପୁଅକୁ ସାଥିରେ ନେଇ ଚାଙ୍ଗୁସ ସହରରେ ଏକ ଦମ୍ପତିଙ୍କୁ ବିକି ଦେଇଥିଲେ ।ପରେ ଏହି ଅର୍ଥରେ ଗର୍ଲଫ୍ରେଣ୍ଡଙ୍କ ସହ ବିଦେଶ ଭ୍ରମଣରେ ବାହାରି ପଡ଼ିଲେ । କିଛିଦିନ ପର୍ଯ୍ୟନ୍ତ ଯେତେବେଳେ ପୁଅ ଫେରିଲେ ନାହିଁ ସେତେବେଳେ ମା' ପୋଲିସରେ ସୂଚନା ଦେଇଥିଲେ । ପରେ ପୋଲିସ ଯାଂଚ କରି ଏହି ବ୍ୟକ୍ତିଙ୍କୁ ଗିରଫ କରିଛି । ଏହା ପୂର୍ବରୁ ମଧ୍ୟ ଏହି ବ୍ୟକ୍ତି ଜଣକ ଦୁଇ ଝିଅଙ୍କୁ କୌଣସି ଏକ ପରିବାରକୁ ବିକି ଦେଇଥିଲେ । ପୋଲିସ ଏହି ଘଟଣାର ତଦନ୍ତ କରୁଛି ।

# ଗଛ ଚେର ନୁହେଁ ଜୀବ



ଅଧିକାଂଶ ସମୟରେ ସମୁଦ୍ରରେ ଏଭଳି କିଛି ଜୀବ ଦେଖିବାକୁ ମିଳନ୍ତି, ଯାହାକୁ ଦେଖି ସାଧାରଣ ଲୋକଙ୍କ ସହ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଯାଆନ୍ତି । ଠିକ୍ ଏମିତି ହିଁ କିଛି ଘଟିଛି ଆମେରିକାର ଅଲାସ୍କାରେ । ସେଠାରେ ଏଭଳି ଏକ ସାମୁଦ୍ରିକ ଜୀବ ଦେଖିବାକୁ ମିଳିଛି ଯାହାକୁ ନେଇ ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହି ଜୀବ ଦେଖିବାକୁ ଠିକ୍ ଗଛର ଚେର ଭଳି । ସାରାହ ବେସର ଅଲଫୋର୍ଡ ନାମ୍ନୀ ମହିଳା ପ୍ରଥମେ ଏହି ଜୀବକୁ ଦେଖି ଏହାର ଭିଡିଓ କରିଥିଲେ ଏବଂ ପରେ ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହି ଅଦ୍ଭୁତ ଜୀବକୁ ଦେଖିବା ପରେ ଲୋକେ ଏବେ ତା' ବିଷୟରେ ଜାଣିବାକୁ ଖୁବ୍ ଆଗ୍ରହ ପ୍ରକାଶ କରିଛନ୍ତି । କିଛି ଲୋକ ଏହାକୁ ଏଲିୟନ୍ ବୋଲି ମଧ୍ୟ କହିଛନ୍ତି । ଅଲାସ୍କାର ପ୍ରିନ୍ସ ଅଫ୍ ଭେଲ୍ସ ଦ୍ୱୀପର ସମୁଦ୍ର କୂଳରେ ସାରାହ ଏହି ଜୀବକୁ ଦେଖିଥିଲେ । ସାରାହଙ୍କ କହିବାନୁଯାୟୀ, ଏହି ଅଦ୍ଭୁତ ଜୀବନର ନାମ ବାସ୍କେ ଷ୍ଟାର । ସେ ଏହା ମଧ୍ୟ କହିଛନ୍ତି ଯେ, ସେ ଏହି ଜୀବର ଭିଡିଓ କରିବା ପରେ ତାକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦେଇଛନ୍ତି ।

# ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ

**ଥାଇରଏଡ୍ ଏକ ସାଧାରଣ ରୋଗ ହୋଇଗଲାଣି । ଏକ ରିପୋର୍ଟ ଅନୁସାରେ ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ । ଥାଇରଏଡ୍‌ରେ ପୀଡିତ ହେଲେ ଆସ୍ଥମା, କୋଲେଷ୍ଟ୍ରଲ, ଡାଇବେଟିସ୍, ଡିପ୍ରେସନ୍ ଓ ହାର୍ଟ ଆଟାକ୍‌ର ଆଶଙ୍କା ବଢ଼ିଥାଏ । କିନ୍ତୁ ଖାଦ୍ୟ ଶୈଳୀରେ ପରିବର୍ତନ ଆଣିପାରିଲେ, ଏହି ରୋଗକୁ ଆପଣ ନିୟନ୍ତ୍ରଣରେ ରଖିପାରିବେ । ତେବେ ଆସନ୍ତୁ ଜାଣିବା ଥାଇରଏଡ୍‌ରେ ପୀଡିତ ଥିବା ବ୍ୟକ୍ତି କେଉଁସବୁ ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଉଚିତ୍ ।**

- ଆପଣଙ୍କର ଯଦି ହାଇପୋଥାଇରଏଡ୍ ସମସ୍ୟା ରହିଛି, ତେବେ ଅଧିକ ଆୟୋଜିନ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ସି-ଫୁଡ୍ ଓ ଆୟୋଡିନ୍ ଲୁଣକୁ ବିଲ୍‌କୁଲ୍ ବ୍ୟବହାର କରନ୍ତୁ ।
- ସେହିପରି ଅନ୍ୟ ଏକ ଖାଦ୍ୟ ହେଉଛି କଫିନ୍ । ବିଶେଷକରି କଫିରେ କଫିନ୍ ଅଧିକ ମାତ୍ରାରେ ରହିଥାଏ । ତେବେ କଫି ପିଇଲେ ଥାଇରଏଡ୍ ନ ବଢ଼ିଲେ ମଧ୍ୟ ଶରୀରରେ ଅନ୍ୟସବୁ ସମସ୍ୟା ଦେଖାଦେଇଥାଏ । ଯେପରିକି ନିଦ ନ ହେବା ଏକ ସମସ୍ୟା ।
- ଥାଇରଏଡ୍ ରୋଗୀ ରେଡ୍ ମିଟ୍ ଖାଇବା ଉଚିତ୍ ନୁହେଁ । ଏଥିରେ କୋଲେଷ୍ଟ୍ରଲ୍ ଓ ଫ୍ୟାଟ୍ ଅଧିକ ମାତ୍ରାରେ ରହିଥାଏ । ତେଣୁ ଏହାକୁ ଖାଇଲେ ଓଜନ ଶୀଘ୍ର ଢ଼ିଥାଏ ।
- କେବଳ ଏତିକି ନୁହେଁ, ଥାଇରଏଡ୍ ରୋଗୀ ନିଶାଦ୍ରବ୍ୟ ସେବନ କଲେ ଶରୀରରେ ଆଲର୍ଜି ହେବାର ଆଶଙ୍କା ରହିଥାଏ । ଏଣୁ ସେମାନଙ୍କ ନିଦ୍ରା ପ୍ରଭାବିତ ହୋଇଥାଏ ଏବଂ ଏହାଦ୍ୱାରା ଅଷ୍ଟିଓପୋରାସିସ୍ ରୋଗର ବିପଦ ବଢ଼ିଥାଏ ।
- ଅନ୍ୟ ଏକ ଖାଦ୍ୟ ହେଉଛି ବନସ୍ପତି ଘିଅ । ଏହି ଘିଅ ଖାଇଲେ ଶରୀରରେ ଥିବାଭଲ କୋଲେଷ୍ଟ୍ରଲ ନଷ୍ଟ ହୋଇ ଖରାପ କୋଲେଷ୍ଟ୍ରଲର ବୃଦ୍ଧି ହୋଇଥାଏ । ଏଥିପାଇଁ ବାହାର ଜିନିଷ ଖାଇବା ପୂର୍ବରୁ ଧ୍ୟାନରେ ରଖନ୍ତୁ, ଯେପରି ଏହି ଖାଦ୍ୟ ବନସ୍ପତି ଘିଅରେ ପ୍ରସ୍ତୁତ ହୋଇନଥିବ ।



# ଆଂଟି କରୋନା ସ୍ମାର୍ଟ ବ୍ୟାଗ୍

କରୋନାର ଲହରରେ ପୁଣିଥରେ ସାରା ଭାରତବାସୀ ହନ୍ତସନ୍ତ ହେଉଛନ୍ତି । ସବୁକିଛି ଠିକ୍ ହୋଇଯିବା ଆଶା ପୁଣିଥରେ ମଉଳି ଯାଇଛି । ଖୋଲିଥିବା ସ୍କୁଲ କଲେଜ ପୁଣିଥରେ ବନ୍ଦ ହୋଇଛି । ତେବେ ବାରାଣସୀରେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ର ପୁଷ୍କର ସିଂ ତିଆରି କରିଛନ୍ତି ଏମିତି ଏକ ଜିନିଷ ଯାହାକୁ ବ୍ୟବହାର କଲେ ଛାତ୍ରୀଛାତ୍ରଙ୍କ ପାଇଁ ରହିବନି କରୋନାର ସଂକ୍ରମଣର ଏତେଟା ଭୟ । ସେହି ଜିନିଷଟି ହେଉଛି ଏକ ବ୍ୟାଗ୍ । ବାରାଣସୀର ଆର୍ୟନ ଇଂଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ପୁଷ୍କର କୁହନ୍ତି, ମୋର ଏହି ବ୍ୟାଗ୍ ହେଉଛି ଏକ ଆଂଟି କରୋନା ସ୍ମାର୍ଟ ବ୍ୟାଗ୍ । ଏହାଦ୍ୱାରା ସୋସିଆଲ ଡିଷ୍ଟାନ୍ସ ବଜାୟ ରହିବ । ତା ସହ ପିଲା ଯଦି ହଜିଯାନ୍ତି ତେବେ ଏହା ଲୋକେଶନ୍ ଜଣେଇଦେବ । କାରଣ ବ୍ୟାଗର ଆଗରେ



ପଛରେ ଦୁଇଟି ଅଲ୍ଟ୍ରାସୋନିକ ସେନ୍ସର ଲଗାଯାଇଛି । ବ୍ୟାଗ୍‌କୁ ପିଠିରେ ଝୁଲାଇବା କ୍ଷଣି ସେନ୍ସର ଆକ୍ଟିଭ୍ ହୋଇଥାଏ । ଆଉ ପିଲାଟିର ବାମ ଡାହାଣର ଦୁଇ ଗଜ ଦୂରତା ପରିବ୍ୟାପ୍ତ ଅଂଚଳରେ ଯଦି କେହି ଆସିଯାଆନ୍ତି ତେବେ ସଂଗେ ସଂଗେ ଆଲାର୍ମ ବାଜି ଉଠିବ । ଫଳରେ ପିଲା ସତର୍କ ହୋଇଯିବେ । ଏହାବ୍ୟତୀତ ଏଥିରେ ଏକ ବିଶେଷ ପ୍ରକାରର ବାର୍‌କୋଡ ଲାଗିଛି, ଯେଉଁଥିରେ ବାପମାଙ୍କ ନା, ଫୋନ୍ ନମ୍ବର ଓ ଠିକଣା ଥାଏ । ତେରୁ ପିଲା ହଜିଗଲେ ଏହା ସାହାଯ୍ୟରେ ପିଲାଙ୍କୁ ଖୋଜିବା ସହଜ ହେବ । ଏହାକୁ ତିଆରି କରିବାକୁ ପୁଷ୍କରଙ୍କୁ ଏକ ସପ୍ତାହ ସମୟ ଲାଗିଥିଲା । ଏଥିରେ ସେ ଅର୍ଡିନୋ, ଅଲ୍ଟ୍ରାସୋନିକ୍ ସେନ୍‌ସର, ୩.୭ ଭୋଲ୍ଟ ବ୍ୟାଟେରି, ଆଲାର୍ମ, ପୁଶ୍ ସ୍ୱିଚ୍ ଓ ବାର୍‌କୋଡ୍ ବ୍ୟବହାର କରିଛନ୍ତି । ଆଉ ଖର୍ଚ୍ଚ କରିଛନ୍ତି ୧୫୦୦-୨୦୦୦ ଟଙ୍କା ।

# ନିଶା ସେବନ କରି କମ୍ ବୟସରେ ମୃତ୍ୟୁ ବରଣ କରୁଛନ୍ତି ଲୋକେ

କଣାସ ୨୮/୨(ନି.ପ୍ର): ଉପାନ୍ତ ଅଞ୍ଚଳ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ କି ମାଲକାନଗିରି ନୁହେଁ ଖୋଦ୍ ପୁରୀ ଜିଲ୍ଲା କଣାସ ବ୍ଲକରେ ବହୁଳ ପରିମାଣରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିବା ଦେଖିବାକୁ ମିଳୁଛି । ଏହାକୁ ସେବନ କରି କମ୍ ବୟସରେ ଅନେକ ଲୋକଙ୍କ ମୃତ୍ୟୁ ବରଣ କରୁଥିବା କେତେକ ଗ୍ରାମର ଲୋକମାନେ ଅଭିଯୋଗ କରିଛନ୍ତି ।ଖବର ନେବାରେ ଜଣାପଡିଛି କଣାସ ଥାନା ଓ ଗଡ଼ିଶାଗୋଦା ଥାନା ଅଧୀନରେ ଥିବା ଅନେକ ଗ୍ରାମରେ ଚୋରା ଦେଶୀ ମଦ,ବିଦେଶୀ ମଦ,ଗଞ୍ଜେଇ ଓ ବ୍ରାଉନ ସୁଗାର ବହୁଳ ପରିମାଣରେ ବିକ୍ରିହେଉଥିବା ବେଳେ ଏହାର ଗ୍ରାହକଙ୍କ ସଂଖ୍ୟା ମଧ ଅଧିକ । ମୁଖ୍ୟତଃ ଲୋକମାନେ ଦେଶୀ ମଦ ଓ ଗଞ୍ଜେଇ ସେବନ କେତକ ଲୋକ କିଡିନ୍ ,ହାର୍ଟ, ଫୁସ୍ ଫୁସ୍ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ମେଡିକାଲ ଯାଉଛନ୍ତି କିଛି ଦିନ ଚିକିତ୍ସା ହେବା ପରେ ଯଦି କୌଣସି ଉନ୍ନତି ନଘଟିଲା ଘରେ ପଡ଼ିପଡ଼ି ମୃତ୍ୟୁ ବରଣ କରୁଛନ୍ତି ।ଯାହା ଫଳରେ ଅନେକ ପରିବାର ଉଜୁଡ଼ି ଯାଉଥିବା ବେଳେ ପିଲା ଛୁଆ ବେସାହାରା ହେଉଥିବା ଦେଖିବାକୁ ମିଳୁଛି ।ସେପଟେ ଅନେକ ଗ୍ରାମରେ ବେଧଡକ ଚୋରା ଦେଶୀ,ବିଦେଶୀ ମଦ ଓ ଗଞ୍ଜେଇ କାରବାର ଚାଲୁଥିବା ବେଳେ ଅବକାରୀ ଓ ପୋଲିସ ବିଭାଗ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଜଂକିଆ ଗଡସାହି ବଜାରରେ କେତେକ ଜଳଖିଆ ଦୋକାନରେ ଚୋରା ମଦ କାରବାର ହେଉଥିବା ଯୋଗୁ ଲୋକମାନେ ମଦ୍ୟପାନ କରି ବିଭିନ୍ନ ସମୟରେ ମାରପିଟ୍ ଓ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି ।ଯାହା ଫଳରେ ସଞ୍ଜ ବୁଡ଼ିଲେ ଝିଅ ବୋହୂ ବଜାରକୁ ଯିବା ପାଇଁ ଅସୁରକ୍ଷିତ ମନେକରୁଛନ୍ତି । ନିଶା କବଳରେ ଅନେକ ଯୁବପିଢି ମାତାଲ୍ ହୋଇ ଅପରାଧ ଓ ଦୁର୍ଘଟଣା ଘଟାଉଛନ୍ତି ।ଏଥିପ୍ରତି ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ପାଟଣା ରେ ଜାଗର ମହୋତ୍ସବ ଉଦଘାଟିତ



ପାଟଣା ୨୮/୨(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ର ଆନନ୍ଦେଶ୍ୱର ମହାଦେବ ଙ୍କ ଜାଗର ଯାତ୍ରା ଉପଲକ୍ଷେ ଅନୁଷ୍ଠିତ ୫ ଦିନିଆ ଜାଗର ମହୋତ୍ସବ ଆଜି ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶରେ ଉଦଘାଟିତ ହୋଇଛି ।ଶିକ୍ଷକ କମଳାକାନ୍ତ ପତି ଓ ପାର୍ଥ ସାରଥୀ ବେଜ ଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ମହୋତ୍ସବ କୁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଉତ୍ତର ପ୍ରାନ୍ତ ଅଧିକାରୀ ମଦନ ମୋହନ ଦ୍ୱିବେଦୀ ,ସମାଜସେବୀ ଇଂ ବିଦ୍ୟାଧର ଦାଶ, ମନ୍ଦୀର ପରିଚାଳନା କମିଟି ସଭାପତି ଅଜୟ କୁମାର ଦାଶ ଓ ସନାତନ ଦାଶ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଜନସାଧାରଣ ଙ୍କ ସମ୍ବୋଧିତ କରିଛନ୍ତି ।ମହୋତ୍ସବ ଉପଲକ୍ଷେ ନୃତ୍ୟ ସଙ୍ଗୀତ ପ୍ରତିଯୋଗି ଙ୍କ ସମେତ ପାଟଣା ମହାବିଦ୍ୟାଳୟ ଏନ ସି ସି ଗ୍ରୁପ, ମଳିପଶି ଦାରୁବ୍ରହ୍ମ ପ୍ରତିଷ୍ଠାନ ଏବଂ ପାଟଣା ଡ୍ରାଇଭର ମହସଂଘ କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶରଣ ଶ୍ରୀକ୍ଷେତ୍ର ଲୋକନାଥ ମନ୍ଦିରରେ ମହାଶିବରାତ୍ରି



ପୋଲସରା ୨୮/୨(ନି.ପ୍ର): ଗଞ୍ଜାମ ଜିଲ୍ଲାର ପବିତ୍ର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିସରରେ ଥିବା ଶ୍ରୀ ଲୋକନାଥ ମନ୍ଦିରରେ ମହାଶିବରାତ୍ରି ମହାସମାରୋହ ସହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମାରଦା ମନ୍ଦିର ଉନ୍ନୟନ ପରିଷଦ ସମ୍ପାଦକ ତଥା ପୋଲସରା ବିଡ଼ିଓ ଶଶୀଭୂଷଣ ମହାପାତ୍ର ମହାଶିବରାତ୍ରିର ପୂଜାର୍ଚ୍ଚନା ଖର୍ଚ୍ଚ ଦେବାପାଇଁ ପ୍ରତିଶ୍ରୁତି ଦେଇଥିବାରୁ ମହନ୍ତ ଶ୍ରୀ ମାରଦା ଜଗନ୍ନାଥ ମନ୍ଦିର ଗ୍ରାମ୍ୟ ସଭାପତି ମହନ୍ତ ସୁନ୍ଦରରାମ ଦାସ, ସେକ୍ରେଟାରୀ ଶ୍ୟାମ ସୁନ୍ଦର ସାହୁ, ସମୀର ନାହାକ, ପ୍ରମୋଦ କୁମାର ପାତ୍ର ,ରାମକୃଷ୍ଣ ବାରିକ, ରାମ ଚନ୍ଦ୍ର ବାରିକ , ସନ୍ତୋଷ ବାରିକ , ମନ୍ଦିରର ସରକାରୀ ସଦସ୍ୟ ଅତିରିକ୍ତ ତହସିଲଦାର, ଆଇଆଇସି,ଫରେଷ୍ଟ ରେଞ୍ଜର, ଜଗବନ୍ଧୁ ମହାପାତ୍ର,ପ୍ରଭାତ କୁମାର ସାସମଲ, ଆଡଭୋକେଟ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ବିଡ଼ିଓ ଶ୍ରୀ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇବା ସହ ଶୀଘ୍ର ଶ୍ରୀ ମାରଦା ମନ୍ଦିର ଉନ୍ନୟନ ପରିଷଦ ବୈଠକ ଡାକିବାକୁ ଅନୁରୋଧ କରିଥିଲେ। ଏଥିସହ ମଥୁରା ଗ୍ରାମବାସୀଙ୍କ ସହଯୋଗର ମନ୍ଦିର ପରିସରରେ ୧୦୮ ପ୍ରଦୀପ ପ୍ରଜ୍ୱଳନ ସହ ରାଧାଶମ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏହାସହିତ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବିଜେପି ରେ ମିଶିଲେ ବିଜେଡି ର ଛାମୁଆ କର୍ମୀ

ପାଟଣା ୨୮/୨(ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଞ୍ଚଳ ଢେଙ୍କିକୋଟ ର ବହୁ ବିଜେଡି କର୍ମୀ ଆଜି ବିଜେପି ରେ ସାମିଲ ହୋଇଛନ୍ତି ।କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏହି କର୍ମୀ ମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳ କୁ ସ୍ୱାଗତ କରିଛନ୍ତି ।ଏହି ମିଶ୍ରଣ ପର୍ବ ସାଂସଦ ଙ୍କ ବ୍ଲକ ପ୍ରତିନିଧି ଅଖିଳ ପାତ୍ର ଦଳୀୟ ନେତା ଅମର ସିଂ ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରଣଜିତ ନାୟକ ପ୍ରମୁଖ ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଥିଲା । ଢେଙ୍କିକୋଟ ପଞ୍ଚାୟତ ଅଞ୍ଚଳ ର ନିର୍ମଳ ନାଏକ ,ଚନ୍ଦ୍ର ମୋହନ ବେହେରା ,ମାଧବାନନ୍ଦ ନାୟକ ,କୃଷ୍ଣ ଚନ୍ଦ୍ର ବାରିକ ,ନିତ୍ୟାନନ୍ଦ ନାୟକ,ଦେବାଶିଷ ମଣ୍ଡଳ,ପଞ୍ଚାନନ ମଣ୍ଡଳ ,ଲିଙ୍ଗରାଜ ନାୟକ,ହୃଷୀକେଶ ମହାପାତ୍ର,ପ୍ରଭାକର ନାଏକ ,ନିରଞ୍ଜନ ନାଏକ,ସୁମନ୍ତ ନାଏକ, ଶୈଳେନ୍ଦ୍ର ନାଏକ,ରୋହିତ ନାଏକ,ନାରଦ ନାଏକ,ରବୀନ୍ଦ୍ର କୁମାର ମାଝୀ,ଆକାଶ ନାଏକ ଓ ଶକ୍ତି ନାଏକ ପ୍ରମୁଖ କୃଷ୍ଣ ଚନ୍ଦ୍ର ବାରିକ ଙ୍କ ନେତୃତ୍ୱରେ ଦଳ ପରିବର୍ତ୍ତନ କରି ବିଜେପି ରେ ସାମିଲ ହୋଇଛନ୍ତି।

# ମାଁ ହିର୍ଲିପଲିଏନ ମନ୍ଦିରରେ ବାର୍ଷିକ ସପ୍ତଶତୀ ଚଣ୍ଡୀହୋମ

ଅତାବିରା ୨୮/୨(ନି.ପ୍ର): ଅତାବିରା ବ୍ଲକ ଅନ୍ତର୍ଗତ ହିର୍ଲିପାଲି ଗ୍ରାମର ଗ୍ରାମଦେବୀ ମାଁ ହିର୍ଲିପଲିଏନଙ୍କ ମନ୍ଦିରରେ ୧୫ତମ ବାର୍ଷିକ ସପ୍ତଶତୀ ଚଣ୍ଡୀହୋମ ସଂପୂର୍ଣ୍ଣ ହୋଇଛି ।ଏହି ଅବସରରେ ଗ୍ରାମରୁ ଏକ ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଥିଲା । ସକାଳୁ ପ୍ରତିଦିନ ପରି ଝାଙ୍କର ଦ୍ୱାରା ମାଁଙ୍କ ମୁଖ୍ୟପୀଠରେ ରୀତିମତେ ପୂଜାର୍ଚ୍ଚନା କରାଯାଇଥିଲା । ପରେ କେନାଲ ସ୍ଥିତ ମାଆଁଙ୍କ ମନ୍ଦିରରେ ବିଧିମତେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ପରେ ସପ୍ତଶତୀ ଚଣ୍ଡୀହୋମର ପୂର୍ଣ୍ଣାହୂତି ପଡ଼ିଥିଲା । ପୁରୋହିତ ପଣ୍ଡିତ ପରମାନନ୍ଦ ଦାଶ,ପଣ୍ଡିତ ସଞ୍ଜୟ ଦାଶ ପୂଜା କାର୍ଯ୍ୟ ଏବଂ ସସ୍ତ୍ରୀକ ଉଦୟ ବିଶ୍ୱାଳ ଓ ସପ୍ନା,ସୁରେନ୍ଦ୍ର ଭୋଇ ଓ ସନ୍ତୋଷିନୀ, ଡୋଲାମଣି ପ୍ରଧାନ ଓ ଆରତୀ ଏବଂ ରାଜ କିଶୋର ପ୍ରଧାନ ଓ ନିରୁପମା କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ । ପରେ ଦେଶକୁମ୍ଭାରୀ ବୀର ବଜରଙ୍ଗ ମହିଳା ସଂକୀର୍ତ୍ତନ ଏବଂ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

# ପୋଲସରାରେ ନୂତନ ବି.ଇ.ଓ.ଙ୍କ ଯୋଗଦାନ



ପୋଲସରା ୨୮/୨(ନି.ପ୍ର): ପୋଲସରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶଙ୍କର୍ଷଣ ଷଡଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୁର୍ବରୁ ସେ ନୟାଗଡ ଜିଲ୍ଲା ଭାପୁର ବ୍ଲକର ବି.ଇ.ଓ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଗତ ୪ ତାରିଖ ଦିନ ଓଡ଼ିଶା ସରକାର ଶିକ୍ଷା ବିଭାଗ କାର୍ଯ୍ୟାଳୟ ପତ୍ରାଙ୍କ ୩୫୭୩ ପ୍ରକାରେ ସ୍ଥାନୀୟ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇ ଆସି ଦାୟିତ୍ୱ ସମ୍ଭାଳି ଆସୁଥିବା ବେଳେ ବିଧିବଦ୍ଧ ଭାବେ ବି.ଇ.ଓ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ କାର୍ଯ୍ୟଳୟଠାରେ ଏ.ବି.ଇ.ଓ ସ୍ୱରୂପ କୁମାର ପାତ୍ର, ଏସ୍ ଓ ଶ୍ରୀନିବାସ ପଟ୍ଟନାୟକ ଓ କ୍ଲର୍କ ସୁଭଶ୍ରୀ ପାତ୍ରଙ୍କ ସମେତ ଅନ୍ୟ କର୍ମଚାରିମାନେ ତାଙ୍କୁ ସ୍ୱାଗତ କରିବା ସହ ପୁଷ୍ପତୋଡା ଓ ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ବି.ଇ.ଓ ମହୋଦୟ କାର୍ଯ୍ୟାଳୟର ସମସ୍ତଙ୍କ ପରିଚୟ ନେବା ସହ ପୋଲସରା ଅଞ୍ଚଳର ଶିକ୍ଷାର ଉନ୍ନତି ସକାଶେ ସମସ୍ତଙ୍କ ସହଯୋଗ ଆଶା କରିଛନ୍ତି।

# କୁଲିତାଟୁକୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତାବିରା ୨୮/୨(ନି.ପ୍ର): ଆଜି ଗୁରୁବାର ଦିନ ଅତାବିରା ବ୍ଲକ ଅଧିନ କୁଲିତାଟୁକୁରା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବ ରେ ସଭାପତି ଭାବେ ଯଜ୍ଞଶିନୀ ମିଶ୍ର, ମୁଖ୍ୟ ଅତିଥି ଭାବେ ନାଭିଦକ୍ତ ବୁଡ଼େକ, ମୁଖ୍ୟ ବକ୍ତକ୍ଷ ଭାବେ ଶରତ କୁମାର ମହାରଣା ଏବଂ ସମ୍ମାନୟ ଅତିଥି ଭାବେ ସି ଆର ସି ସି ତ୍ରିଲୋଚନ ସେଠ,ପ୍ରଭାତ କିଶୋର ସାହୁ,ରୁଦ୍ର ପ୍ରସାଦ ଛନ୍ଦ,ସରଜୁ ଦାସ ଏବଂ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶୈକ୍ଷିକ କ୍ଷେତ୍ର ରେ ଭଲ ପଦର୍ଶନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ପୂର୍ବତନ ଚେୟାରମ୍ୟାନ ପ୍ରମରାଜ ସାହୁ, ପରେଶ ମହଣା ଶିକ୍ଷୟତ୍ରୀ ପ୍ରତିଭା ବର୍ଗେ, ଝରଣା ବେହେରା ଏବଂ କୁନ୍ତୀ ସେଠ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ବିଜେପି ସଂଗଠନ ଦୁର୍ବଳ - ସାଲେପୁର ବିଜେପି ନେତା କିଏ ?

ସାଲେପୁର ୨୮/୨(ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଟାଙ୍ଗୀ-ସାଲେପୁରର ପୂର୍ବତନ ବିଧାୟକ ତଥା ବିଜେପି ସାଂଗଠନିକ କଟକ ସଦାର ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ବିଜେପି ଛାଡିବା ପରେ ଏହି ନିର୍ବାଚନ ମଣ୍ଡଳୀରେ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟ ବିଜେପି ସିନେ ତାରକା ଅରିନ୍ଦମ ରାୟଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ଚୟନ କରିଥିଲା । ଖୁବ୍ କମ୍ ଦିନ ମଧରେ ଶ୍ରୀ ରାୟ ତାଙ୍କ ସାଂଗଠନିକ ଦକ୍ଷତା ବଳରେ ଅନୁଷ୍ଠିତ ନିର୍ବାଚନରେ ଭଲ ଫଳାଫଳ ମଧ ପାଇଥିଲେ । ଭାରତୀୟ ଜନତାପର୍ଟି ଏକ ଭିନ୍ନ ରାଜନୈତିକ ଦଳ । ସଦାସର୍ବଦା ଏହି ଦଳ ଶୃଙ୍ଖଳରେ ସହିତ ସାଂଗଠନିକ କାର୍ଯ୍ୟ କରିଥାଏ ବୋଲି କହିଥାଏ । ଯେ କୌଣସି ବିଧାନସଭା କ୍ଷେତ୍ରରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବିଜେପି ବିଧାୟକ ପ୍ରାର୍ଥୀ ବିଜୟଶ୍ରୀ ପ୍ରାପ୍ତ ହେଉ ବା ପରାଜିତ ହେଉ ଆଗାମୀ ୫ ବର୍ଷ ପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀର ସେ ହିଁ ନେତାର ମାନ୍ୟତା ପାଇଥାଏ । ଏ ଦୃଷ୍ଟିରୁ ଅରିନ୍ଦମ ରାୟ ହେଉଛନ୍ତି ଟାଙ୍ଗୀ -ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା । ନିକଟ ଅତୀତରେ ଶ୍ରୀ ରାୟ ସାଲେପୁରକୁ ଏନ୍ ଏସ୍ ସିର ମାନ୍ୟତା ଦେବା , ସାଲେପୁର ଅଂଚଳର ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିବାରୁ ବ୍ରିଟିଶ ଅମଳରୁ ଏଠାରେ ଅବସ୍ଥିତ ବାପୁଜୀ ଶୀତଳ ଭଣ୍ଡାର ବହୁଗ୍ରାମକୁ ପୁନଃ କାର୍ଯ୍ୟକ୍ଷମ କରିବା, କଟକ-ଚାନ୍ଦବାଲି ରାସ୍ତାକୁ ମଧୁବାବୁଙ୍କନାମରେ ନାମିତ କରିବା, ଶିଶୁଆ ଠାରୁ ଚିଡ୍ରୋପଳା ବ୍ୟାରେଜ ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବା, କ୍ରୀଡାର ବିକାଶ ପାଇଁ ସାଲେପୁରଠାରେ ଏକ ଷ୍ଟାଡିୟମ ନିର୍ମାଣ କରିବା, ଟାଙ୍ଗୀଠାରେ ଏକ ତହସିଲ କାର୍ଯ୍ୟାଳୟ ଓ ଦମକଳ କେନ୍ଦ୍ର ସ୍ଥାପନ କରିବା ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମଧ ଏସବୁ କାର୍ଯ୍ୟ କରିବାକୁ ପ୍ରତିଶୃତି ଦେଇଛନ୍ତି । ଅପରପକ୍ଷରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧିଭାବେ ପ୍ରଫୁଲ୍ଲ ସ୍ୱାଇଁ ମଧ ଅନୁରୂପ ଭାବେ ସାଲେପୁରରେ ସାଂଗଠନିକ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟ କରୁଥିବା ଦେଖିବାକୁମିଳିଛି । ଏହି କିଛି ଦିନ ତଳେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ହାତପାଣ୍ଡିରୁ ଏକ ଭିନ୍ନକ୍ଷମ ଯୁବକଙ୍କୁ ଏକ ବିଦ୍ୟୁତ ଚାଳିତ ତିନି ଚକିଆ ଯାତ୍ରୀବାହୀ ଅଟୋ ରିକ୍ସା ପ୍ରଦାନ କରିଛନ୍ତି । ଏହି ଅଟୋ ରିକ୍ସା ପ୍ରଦାନ ସମୟରେ ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା ବେଳେ ବେଳେ ଟାଙ୍ଗୀ-ସାଲେପୁର ବିଧାନସଭା କ୍ଷେତ୍ରର ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଅରିନ୍ଦମ ରାୟକୁ ଦେଖିବାକୁ ମିଳିନଥିଲା । ଉଭୟଙ୍କ କାର୍ଯ୍ୟକ୍ରମ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟାଙ୍ଗୀ-ସାଲେପୁର ସମସ୍ୟା ବିଷୟରେ ଆଲୋଚନା କରୁଥିଲା ବେଳେ ସାଂସଦଙ୍କ ପ୍ରତିନିଧି ଦିବ୍ୟାଙ୍ଗକୁ ତିନି ଚକିଆ ଯାତ୍ରୀବାହୀ ଅଟୋ ରିକ୍ସା ପ୍ରଦାନ ଖବରରେ ପ୍ରଫୁଲ୍ଲ ସ୍ୱାଇଁଙ୍କୁ ସାଲେପୁର ବ୍ଲକ ବିଜେପି ନେତା ବୋଲି ସ୍ଥାନୀତ କରାଯାଇଥିଲା । ଯାହାକୁ ନେଇ ଟାଙ୍ଗୀ -ସାଲେପୁର ଭାରତୀୟ ଜନତା ପାର୍ଟି କାର୍ଯ୍ୟକ[illegible]ଙ୍କ ମଧରେ ସନ୍ଦେହ ସୃଷ୍ଟି ହେଉଛି । ପ୍ରକୃତରେ ଏଠାକାର ବିଜେପି ନେତା କିଏ ? ରାଜ୍ୟ ବିଜେପି ଯଦି ଏହାକୁ ଦୃଷ୍ଟି ନଦେଇ ଏହାର ସମାଧାନ ନକରେ ତାହାହେଲେ ଆଗାମୀ ଦିନରେ ଟାଙ୍ଗୀ-ସାଲେପୁର ବିଧାନସଭା କ୍ଷେତ୍ରରୁ ବିଜେପିର ସଂଗଠନ ଦିନକୁ ଦିନ କ୍ଷୀଣ ହୋଇଯିବ । ରାଜ୍ୟ ବିଜେପି ଏଥିପ୍ରତି ଦୃଷ୍ଟି ଦେଇ ଉଭୟ ସାଂସଦ ଓ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ମଧରେ ଆଲୋଚନା କରାଇ ଏହାର ସମାଧାନ କଲେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ସୁଦୃଢ ହୋଇ ପାରନ୍ତା ବୋଲି ରାଜନୈତିକ ବିଶେଷଜ୍ଞମାନଙ୍କ ମଧରେ ଚର୍ଚ୍ଚା ହେଉଛି ।

# ରଙ୍କନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର ୨୮/୨(ନି.ପ୍ର): ବାଣପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ଗତକାଲି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ଆନୁକୂଲ୍ୟରେ ମନ୍ଦିର ପରିସରରେ ଜାରି ରହିଥିବା ତିନି ଦିବସୀୟ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଉକ୍ତ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ଏହି ଅବସରରେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ପଟ୍ଟନାୟକ, ସମାଜସେବୀ ନନ୍ଦ କିଶୋର ମିଶ୍ର, ବାଣପୁର ନଗର ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବିନାରାୟଣ ମିଶ୍ର, ଶ୍ରୀ ଶ୍ରୀ ଶ୍ରୀ ରଙ୍କନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ସଭାପତି ପବନ କୁମାର ରାମ, ସମ୍ପାଦକ ମନୋଜ କୁମାର ଅଗ୍ରୱାଲ,ବରିଷ୍ଠ ସଭ୍ୟ ରାଧାମୋହନ ଅଗ୍ରୱାଲ, ଗିରିଧାରୀ ପାତ୍ର, ଅଶୋକ ପାତ୍ର,ଦେବଦତ୍ତ ପାତ୍ର, ସଚ୍ଚିଦାନନ୍ଦ ପରିମାଣିକ,ରଙ୍କନାଥ ଦେବ ମନ୍ଦିର କମିଟି ସଭାପତି ଦାଶରଥି ସାହୁ, ସମ୍ପାଦକ ରବି ପ୍ରଧାନ, ବରିଷ୍ଠ ସଭ୍ୟ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର, ଦେବଦତ୍ତ ପାଣି, ବାଳମୁକୁନ୍ଦ ଦାସ ଏବଂ ଉଭୟ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ରଙ୍କନାଥ ଦେବ ପିଠ ପରିସରରେ ଛାତ ନିର୍ମାଣ ଏକ ଜରୁରୀ କାର୍ଯ୍ୟ ହୋଇଥିବା ବେଳେ ନିକଟରେ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଏ ନେଇ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ବେଳେ, ମନ୍ତ୍ରୀ ତୁରନ୍ତ ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଏହାର ଶୁଭ ଦେଇଛନ୍ତି କ୍ଷ ଏବଂ ଆସନ୍ତା ରଥଯାତ୍ରା ମଧରେ ଉକ୍ତ କାର୍ଯ୍ୟ ଶେଷ ହେବ ବୋଲି ଉପସ୍ଥିତ ଭକ୍ତମାନଙ୍କୁ ସୂଚନା ଦେଇଥିଲେ । ଯାହାଫଳରେ ଭକ୍ତମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କୁ କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ମାହାଙ୍ଗା ବ୍ଲକରେ ନୂତନ ବି.ଇ.ଓ. ଦାୟିତ୍ୱ ଗ୍ରହଣ କରିବେ କେବେ ?

ମାହାଙ୍ଗା ୨୮/୨(ନି.ପ୍ର): ମାହାଙ୍ଗା ବ୍ଲକର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଥିଲା ବେଳେ ଏକାଧିକ ବିଦ୍ୟାଳୟରେ ତାଲା ପଡିଲାଣି । ରାଜ୍ୟ ସରକାର ମାହାଙ୍ଗା ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ନୂତନ ବିଇଓ ଭାବେ ମୋନାଲିସା ସରକାରଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଗତ କିଛି ଦିନ ତଳେ ଘୋଷଣା କରିଥିଲେ । ଏପରିକି ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକରେ ନୂତନ ମଣ୍ଡଳ ଶିକ୍ଷାଧିକାରୀ ଯୋଗଦାନ କରିଥିଲା ବେଳେ ମାହାଙ୍ଗାରେ ନୂତନ ମଣ୍ଡଳ ଶିକ୍ଷାଧିକାରୀଙ୍କ ଯୋଗଦାନ କ'ଣ ପାଇଁ ବିଳମ୍ବ ହେଉଛି ସେ ନେଇ ସାଧାରଣରେ ଆଲୋଚନା ଯୋରଦାର ଧରିଛି । ଏହାପୂର୍ବରୁ ୬ ବର୍ଷ ଧରି ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ ଭାବେ ଚକ୍ରଧର ବେହେରା ଏବେ ସୁଦ୍ଧା କାର୍ଯ୍ୟାଳୟକୁ ଛାଡୁ ନାହାଁନ୍ତି । ଅପରପକ୍ଷରେ ନୂତନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଓ ବ୍ଲକ ସ୍ତରୀୟ ନିପୁଣ ମେଳା ଆଦି ବିଭିନ୍ନ କାର୍ଯ୍ୟକ୍ରମ ନାମକୁ ମାତ୍ର କରାଇ ପୂର୍ବଭଳି ସରକାରୀ ଅର୍ଥ ଲୁଟିବା ପାଇଁ ଚକ୍ରାନ୍ତ କରୁଥିବା ଚର୍ଚ୍ଚା ହେଉଛି । ବିଗତ ଦିନରେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶିକ୍ଷା ବିଭାଗର ଅଧିକାରୀ ଓ କଟକ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ ତାହା ଫଳଶୂନ୍ୟ ହୋଇପଡିଛି । ମାହାଙ୍ଗାରେ ଚର୍ଚ୍ଚା ହେଉଛି ଯେ ସ୍ଥାନୀୟ ବିଧାୟକଙ୍କ ବାହୁ ଛାୟା ତଳେ ସୁରକ୍ଷିତ ରହିଥିବାରୁ ବିଇଓ ଚକ୍ରଧର ବେହେରାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । କି ସେ ବଦଳି ହୋଇଥିଲେ ମଧ କାର୍ଯ୍ୟାଳୟ ଛାଡୁ ନାହାଁନ୍ତି । ଏଣୁ ତୁରନ୍ତ ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଏହି ସମ୍ବେଦନଶୀଳ ବିଷୟପ୍ରତି ସକରାତ୍ମକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଗୋ ୱେଲ୍ ଅଲମ୍ପିଆନ୍ ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲର ଚମତ୍କାର ପ୍ରଦର୍ଶନ

ବାଲିଗୁଡ଼ା ୨୮/୨(ନି.ପ୍ର): ଗୋ ୱେଲ୍ ଅଲମ୍ପିଆନ୍ ସଙ୍ଗଠନ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍ ରେ ଉଚ୍ଚ କୋଟୀର ପ୍ରଦର୍ଶନ କରିଥିବା ଜଣାପଡିଛି । ଏହି ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ହେଲେ ସେଥିରୁ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି ସ୍ୱର୍ଣ୍ଣ ,ରୋ?ପ୍ୟ ଓ କାଂସ୍ୟ ପଦକ ହାତେଇ ନେଇଛନ୍ତି । ଅଧକ୍ଷା ସିଷ୍ଟର ନମିତା କୁଲୁଙ୍କ ଅଧକ୍ଷତାରେ ସ୍କୁଲ୍ ପରିସରରେ ଏକ ସମ୍ବର୍ଧନା ସଭାର ଆୟୋଜିତ କରାଯାଇଥିଲା । ଏଥିରେ ଅଧକ୍ଷାଙ୍କ ସମେତ ଉପାଧକ୍ଷ ଫାଦେର ମନୋରଞ୍ଜନ ସିଂ,ଫାଦେର ଉଦୟନାଥ ବିଷୋୟୀ କୃତି ଛାତ୍ରଛାତ୍ରୀଙ୍କୁ ମେଡାଲ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପିତା ପି.ସିଂ, ସିଷ୍ଟର ରେଖା, ସିଷ୍ଟର ଅଞ୍ଜଳି ଦାସ, ଶିକ୍ଷକ ଏସରାନ୍ ଦିଗାଲ, ଲକ୍ଷ୍ମିକାନ୍ତ ନାୟକ, ବିଶ୍ୱଜିତ ନାୟକ,ଶିକ୍ଷୟିତ୍ରୀ ସ୍ୱାଗତିକା ପୃଷ୍ଟିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୁର୍ଣ୍ଣ ସହଯୋଗ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟପଟେ ଏଭଳି ସଫଳତା ପାଇଁ ଅଧକ୍ଷା ନମିତା କୁଲୁ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଶ୍ରେୟ ଦେଇଥିବା ବେଳେ ଏହି ଅନୁଷ୍ଠାନ ଆଗକୁ ଆହୁରି ଅଗ୍ରଗତି କରିବ ବୋଲି ଆଶା ବାନ୍ଧିଛନ୍ତି । ସେପଟେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଏବଂ ଏଥିରେ ସଫଳତା ପାଇବା ଆମପାଇଁ ଗର୍ବ । ଆମେ ଏହି ପୁରସ୍କାର ପାଇ ଯେତିକି ଖୁସି ଅଛୁ ଆମ ବିଦ୍ୟାଳୟକୁ ନେଇ ମଧ ବେସ୍ ଗର୍ବିତ ବୋଲି କହିଛନ୍ତି କୃତି ଛାତ୍ରଛାତ୍ରୀ ।

# କୃଷକ କଲ୍ୟାଣ ଯୋଜନା ର ସମୀକ୍ଷା କଲେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି

ପାଟଣା ୨୮/୨(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ସରକାର ଚାଷୀ ମାନଙ୍କ ଆୟ କୁ ଦୁଇ ଗୁଣା କରିବା ସହିତ ଚାଷୀ ମାନଙ୍କୁ ସମୃଦ୍ଧ କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏହି ସବୁ କୃଷକ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ଠିକ୍ ଠାକ୍ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ସଫଳ ରୂପାୟନ ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ଆଜି ମୟୁରଭଞ୍ଜ ଜିଲ୍ଲା ର ଠାକୁରମୁଣ୍ଡା, କରଞ୍ଜିଆ ଓ ଶୃକୁଳି ପ୍ରଭୃତି ବ୍ଲକ ର କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟ ରେ କରଞ୍ଜିଆ ଜିଲ୍ଲା କୃଷି ଅଧିକାରୀ ରବିନ୍ଦ୍ର କୁମାର ସାହୁ, ଠାକୁରମୁଣ୍ଡା କୃଷି ଅଧିକାରୀ କ୍ଷୀରୋଦ ଚାନ୍ଦ, ବାରିହାଲ କିସ୍କୁ ଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡିଶା ରାଜ୍ୟ କୁ ଖାଦ୍ୟ ଶସ୍ୟ ରେ ଆତ୍ମ ନାର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀ ମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ତତସହିତ ସାର ଓ କୀଟନାଶକ ମଧ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ଶ୍ରୀ ସାହୁ କରିଥିଲେ। ବିହନ ପାଇ ଚାଷ କରିଥିବା କୋଳିପଶି ଓ ନୂଆଗାଁ କ୍ଷେତ କୁ ମଧ ଯାଇ ଆଳୁ ଫସଲ ବୁଲି ଦେଖିଥିଲେ । କରଞ୍ଜିଆ ବ୍ଲକ ରେ ଚଳିତ ବର୍ଷ ୨୮୧ ଜଣ ଚାଷୀ ଏକଶହ ଏକର ଜମି ରେ ଆଳୁ ଚାଷ କରି ସଫଳତା ପାଇଛନ୍ତି। ଏହି ପରିଦର୍ଶନ ସମୟ ରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୃରୁ, ବିଜେପି କୃଷକ ଜିଲ୍ଲା ସଭାପତି ମଦନ ମହାନ୍ତ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବିମଳ କୁମାର ସେନାପତି, ଗଗନ ବିହାରୀ ପୃଷ୍ଟି, ରଘୁନାଥ ନାୟକ, ତ୍ରିନାଥ ମହାନ୍ତ, ବିଚ୍ଛେନ୍ଦ୍ ବେହେରା, ଆଶିଷ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାରିକ, ମୁନା ପଲେଇ, ଅନୁପମା ମହାନ୍ତ, ବବିତା ଦାସ, ବାସୁଦେବ ବସା, ବିଶ୍ୱନାଥ ମହାନ୍ତ, ବନମାଳୀ ମହାନ୍ତ, ମହେଶ୍ୱର ସା, ଜମୁନା ମୁଣ୍ଡା, ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକତା ଓ ଚାଷୀ ଉପସ୍ଥିତ ଥିଲେ।

# ୯.୮କେଜି ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ



ବାଲୁଗାଁ ୨୮/୨(ନି.ପ୍ର): ବାଲୁଗାଁ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନେତୃତ୍ୱରେ ରେଳ ସୁରକ୍ଷା ବଳ ପକ୍ଷରୁ ଖଲ୍ଲିକୋଟ ରେଳ ଷ୍ଟେସନରେ ଚଢ଼ାଉ କରି ୯.୮ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଚଢ଼ାଉ ସମୟରେ ସଂଦିଗ୍ଧଙ୍କ ନିକଟରୁ ଦୁଇଟି ବ୍ୟାଗ ଜବତ ହୋଇଥିଲା ।ତଲାସୀ ନେବାରୁ ସେଥିରୁ ୯.୮କେଜି ଗଞ୍ଜେଇ ଜବତ ହୋଇଥିଲା ।ଯାହାର ଆନୁମାନିକ ମୂଲ୍ୟ ୯୮ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।ଗିରଫ ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଞ୍ଚଳର ଇନ୍ଦ୍ର ଗୌଡ଼ଙ୍କ ପୁଅ ସାଗର ଗୌଡ଼(୨୪) ।ଅଭିଯୁକ୍ତ ସାଗର ଏହି ଗଞ୍ଜେଇ ବାଲୁଗାଁରୁ ଅହମଦାବାଦ ଚାଲାଣ କରିବାପାଇଁ ଯୋଜନା କରିଥିବା ବେଳେ ଖଲ୍ଲିକୋଟ ଷ୍ଟେସନ ୧ ନଂ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରିଥିଲେ ।ଜବତ ଗଞ୍ଜେଇ ସହ ଅଭିଯୁକ୍ତ ବିରୁଦ୍ଧରେ କେଶ ନଂ ୨୯/୨୫ ରେ ମାମଲା ରୁଜୁ କରି ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରାଯାଇଥିବା ଆରପିଏଫ ଆଇଆଇସି ଶ୍ରୀ ମୌର୍ଯ୍ୟ କହିଛନ୍ତି।

# ବାଞ୍ଜିପାଲି ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ



ଅତାବିରା ୨୮/୨(ନି.ପ୍ର): ଅଦ୍ୟ ତା ୨୭-୦୨-୨୦୨୫ ରିଖ ଶୁକ୍ରବାର ଦିନ ଅତାବିରା ବ୍ଲକ ବୁଗବୁଗା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଞ୍ଜିପାଲି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଚେୟାରମେନ କମଳାକାନ୍ତ ଭୁଏ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ରୂପେ ବୁଗବୁଗା ସି.ଆର.ସି.ସି. ନନ୍ଦିଘୋଷ ଭୁଏ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶି ଭୋଇ, ନିରଞ୍ଜନ ବୁଡେକ, ଝିଲିମିଣ୍ଡା ସି.ଆର.ସି.ସି. ଧରମ ନରେକ୍ , ପଞ୍ଚ ଶିକ୍ଷା ସେତୁ ର ସଭାପତି ଘାସିରାମ ଭୋଇ ମଞ୍ଚାସିନ ଥିଲେ । ସଭା ପରିଚାଳନା କରିଥିଲେ ଶିକ୍ଷକ ଜଗମୋହନ ଭୁଏ ।ବାର୍ଷିକ ବିବରଣୀ ପଠନ କରିଥିଲେ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପଣ୍ଡା। ଅତିଥି ବୃନ୍ଦ ପିଲାର ପ୍ରାରମ୍ଭିକ ଶିକ୍ଷା ରେ ଗୋଷ୍ଠୀର ସହଯୋଗ ଓ ଭୂମିକା ଉପରେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବରୁ ହୋଇଥିବା କ୍ରିଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ଚଳିତ ଶିକ୍ଷା ବର୍ଷରେ ପ୍ରଥମ ସମାପ୍ତିସୂଚକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧନା କରାଯାଇ ଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇ ଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଛନ୍ଦପାଲି ସି.ଆର.ସି.ସି କେଶବ ଛନ୍ଦ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ଓ ମାତୃ କମିଟି ର ସଦସ୍ୟା , ଗ୍ରାମର ଯୁବଗୋଷ୍ଠୀ ବୃନ୍ଦ ତାହାର ସ୍ୱୟଂ ସହାୟକ ଗୋଷ୍ଠୀ ର ସହଯୋଗ କରିଥିଲେ । ଧନ୍ୟବାଦ୍ ଅର୍ପଣ କରିଥିଲେ ଶିକ୍ଷକ ଜଗମୋହନ ଭୁଏ ।

## ଦୀର୍ଘ ୫ ବର୍ଷ ହେଲା ବସୁଧା ପ୍ରକଳ୍ପ ଅଧାଗଡ଼ା

# ପାନୀୟ ଜଳ ପାଇଁ ମହିଳା ହନ୍ତସନ୍ତ



ମୟୂରଭଞ୍ଜ ୨୮/୨(ନି.ପ୍ର): ସକାଳ ହେଲେ ଗୋଟିଏ ନଳକୂପ ସମ୍ମୁଖରେ ପାନୀୟ ଜଳ ପାଇଁ ମହିଳାଙ୍କ ପ୍ରତିଯୋଗିତା ଦେଖିବାକୁ ମିଳୁଛି । ହେଲେ ଦୀର୍ଘ ୫ ବର୍ଷ ହେଲା ନିର୍ମାଣ ଚାଲିଛି ବସୁଧା ପ୍ରକଳ୍ପ। ସତେ ଯେପରି ଗରିବଙ୍କୁ ଛିଡା ହୋଇ ଉପହାସ କରୁଛି ସୂଚନା ଫଳକ ବିହୀନ ବସୁଧା ପ୍ରକଳ୍ପ ।କେତେ ବେଳେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳା ପାଉଛନ୍ତି ଗ୍ରାମ ନଳକୂପ ଜଳ ତ ଅନ୍ୟ ମହିଳାମାନେ ଗାଁ ନିକଟରେ ଥିବା ପଟାସ ଜଙ୍ଗଲ ଭିତରେ ଗାଡ଼ିଆ ଜଳ ଆଣି ଦୂର କରୁଛନ୍ତି ପରିବାରର ଜଳ କଷ୍ଟ। ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନେଉ ନଥିବା ପରିଲକ୍ଷିତ ହୋଇଛି।ଏଭଳି ଜଳ କଷ୍ଟ ଦୃଶ୍ୟ ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମ ପଞ୍ଚାୟତର ଦୁମାଡି ଗ୍ରାମରେ ।ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଇରଙ୍ଗପୁର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବହଳଦା ଜଳ ଯୋଗାଣ ଅଧୀନସ୍ଥ ଗମ୍ଭାରିଆ ଗ୍ରାପର ଦୁମାଡିହି ଗ୍ରାମରେ ଦୀର୍ଘ ପାଞ୍ଚ ବର୍ଷ ହେଲା ବସୁଧା ଟାଙ୍କି ନିର୍ମାଣ ଚାଲିଛି । ମାତ୍ର ଅଧିକାରୀଙ୍କ ଅପାରଗତା ଓ ଦାୟିତ୍ୱହୀନତା ପାଇଁ ପ୍ରକଳ୍ପ କାର୍ଯ୍ୟ ସରିନି ।ଗ୍ରାମରେ ଲମ୍ବାଲମ୍ବା ପାଇପ ବିଛାଯାଇ ଦୀର୍ଘ ୫ ବର୍ଷ ହେଲା ଅଧପନ୍ତରିଆ ହୋଇ ପଡିରହିଛି। ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ପରିବାର ପାଇଁ ଗୋଟିଏ ନଳକୂପ। ଯେଉଁଠୁ ତିନି ଗରା କି ବାଲଟି ପାଣି ବାହାରିଲେ ପାଣି ସରିଯାଏ । ଯାହାକୁ ନେଇ ପ୍ରତିଯୋଗିତା ହୋଇଥାଏ ।ସେତିକିରେ ସରେନାହିଁ ଦୁର୍ଗମବାସୀଙ୍କ ଦୁଃଖ ଏଠି ଏକ କିଲୋମିଟର ନାଳିମାଟିର ରାସ୍ତା ସାଜିଛି ୧୫୦ ରୁ ଉର୍ଦ୍ଧ ପରିବାରର ମୁଖ୍ୟ ଲାଇଫ ଲାଇନ। ତେବେ ସରକାର ଲୋକଙ୍କ ଜଳ କଷ୍ଟ ଦୂର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ମାତ୍ର ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ ପାଇଁ ଗ୍ରାମର ହଜାର ହଜାର ଲୋକେ ଭୋଗୁଛନ୍ତି ଜଳ ଦୁର୍ଦ୍ଦଶା ।ତେବେ ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗ କାହିଁକି ଦାୟିତ୍ୱହୀନ ସାଜି ବସିଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ,ଏ ସମ୍ପର୍କରେ ବହଳଦା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କାହିଁକି ପ୍ରକଳ୍ପ କାର୍ଯ୍ୟ ସରିନାହିଁ ବୋଲି ଯୋଗାଯୋଗ କରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନଥିଲା ।ତେବେ କୋଟି କୋଟି ଟଙ୍କାର ବସୁଧା ଟାଙ୍କି କାହା ପାଇଁ ତାହା ବଡ଼ ପ୍ରଶ୍ନ ଏବଂ ଯଦି ସାଧାରଣ ଲୋକଙ୍କ ପାଇଁ ହେଲେ କେବେ ମିଳିବ ବସୁଧାରୁ ପାଣି ତାହା ମଧ୍ୟ ବଡ ପ୍ରଶ୍ନ। ଗ୍ରାମବାସୀ ନୂତନ ସରକାରଙ୍କୁ ଅନୁରୋଧ କରିଛନ୍ତି ଶୀଘ୍ର ଜଳ ଯୋଗାଇବା ପାଇଁ ଏବଂ ମନ୍ଥର ଗତିରେ କାର୍ଯ କରୁଥିବା ଅଧିକାରୀଙ୍କ ଉପରେ କାର୍ଯାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି ।

## ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତ ଲୁଟି ନେଲେ ମୋବାଇଲ

ରଙ୍ଗେଇଲୁଣ୍ଡା //ଗୋଳନ୍ଥରା ୨୮/୨(ନି.ପ୍ର): ଥାନା ଅନ୍ତର୍ଗତ ହଳଦିଆ ପଦର ଜାତୀୟ ରାଜପଥରେ କାରରେ କିଛି ଯୁବକ ଆସି ଦୁଇ ବାଇକ ଆରୋହୀଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଫୋନ ଲୁଟି ନେଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମାଡ଼ରେ ଲହୁଲୁହାଣ ହୋଇଥିବା ଯୁବକ ଦୁଇ ଜଣ ହେଲେ କନିଷି ହାଟ ଗଣେଷ ନଗରର ଶିବ ନାରାୟଣ ମହାରଣା ଓ ବି ନୂଆଗାଁର ବାବୁଲା ଦାସ ବୋଲି ଜଣା ପଡିଛି। ସୂଚନା ଅନୁଯାଇ ଗତ କାଲି ମହାଶିବରାତ୍ର ଥିବାରୁ ରାତି ସାଢେ ୯ ଟା ବେଳେ ଶିବ ନାରାୟଣ ଓ ବାବୁଲା ମିଶି ଏକ ବାଇକରେ ଲାଞ୍ଜିପଲ୍ଲୀ ଶିବ ମନ୍ଦିରକୁ ଯାଉଥିବା ବେଳେ ହଳଦିଆପଦର ସର୍ଭିସ ରୋଡ଼ରେ ପଛରୁ ଏକ ଧଳା ରଙ୍ଗର କାର ଆସି ବାଇକକୁ ଓଭର ଟେକ କରି ଅଟକାଇ ଥିଲେ କ୍ଷ ଶିବ ଓ ବାବୁଲା ବାଇକ ରଖିବା ମାତ୍ର କାରରୁ ଚାରି ଜଣ ଯୁବକ ଓଲହାଇ ଅତର୍କିତ ଆକ୍ରମଣ କରି ଥିଲେ। ଆକ୍ରମଣରେ ଗୁରୁତର ଭାବେ ଶିବ ଓ ବାବୁଲା ଆହତ ହୋଇ ଚିତ୍କାର କରୁଥିବା ବେଳେ ଶିବ ଧରିଥିବା ଏକ ମୋବାଇଲ ଫୋନକୁ ଛଡେଇ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଶିବ ଓ ବାବୁଲା ଚିକିତ୍ସିତ ହୋଇ ଗୋଳନ୍ଥରା ଥାନାରେ ପହଂଚି ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ଲାଗିଥିବା କିଛି ଜାଗାର ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ତାଲସାକର ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ




ବୁଗୁଡା ୨୮/୨(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ତାଲସାକର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ମାନିତ ଅତିଥି ଭାବେ ବୁଗୁଡାର ଦୁଇ ଏବିଇଓ ଅମିତା କୁମାରୀ ପାଢ଼ୀ ଓ ତାପସ୍ୱିନୀ ସାହୁ ଏବଂ ନିମନ୍ତ୍ରିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ଏସଏମସି ସଭାପତି ପ୍ରଭାତ କୁମାର ଜେନା, ସେବା ନିବୃତ କ୍ରୀଡା ଶିକ୍ଷକ ଗୋପାଳ ଚନ୍ଦ୍ର ପାତ୍ର, ସିଆରସିସି ବୃନ୍ଦ, ବୁଗୁଡା ବ୍ଲକ ଶିକ୍ଷକ ସଙ୍ଘର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଜୟନ୍ତ ପଟ୍ଟନାୟକ ଓ ହିମାଂଶୁ ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଙ୍କ ଶେଷ କୃତ୍ୟ ସଂପନ୍ନ

ନିମାପଡ଼ା ୨୮/୨(ନି.ପ୍ର): ପୁରୀ ଜିଲ୍ଲା କୋଣାର୍କ ପ୍ରେସ କ୍ଲବର ଉପଦେଷ୍ଟା ତଥା ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପରଲୋକ ଘଟିଛି ।ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ରାଜ୍ୟ ର ବିଭିନ୍ନ ଅଞ୍ଚଳ ର ସାମ୍ବାଦିକ ମାନଙ୍କ ମଧ୍ୟରେ ଶୋକ ର ଛାୟା ଖେଳି ଯାଇଛି ।ସ୍ୱର୍ଗତ ମହାପାତ୍ର ଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱର ଠାରୁ ଶୋଭାଯାତ୍ରାରେ ଅଣାଯିବା ସମୟରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଓ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ ଙ୍କ ସମେତ ସଂଘ ର ଅନ୍ୟ କର୍ମକର୍ତ୍ତା ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଣାର୍କ ପ୍ରେସ କ୍ଲବ ର ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା ,ଗୋପ ପ୍ରେସ କ୍ଲବ ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ ,ମିଳନ ମହାନ୍ତି, କାଳୀମନ୍ଦିର ସଭାପତି ଧୁଶାସନ ନାୟକ , ଶିକ୍ଷାବିତ ତଥା କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର କୁମାର ବାହିନୀପତି ,ନିମାପଡା ପ୍ରେସ କ୍ଲବ ସଭାପତି ରଂଜନ ପଟ୍ଟନାୟକ,ସମ୍ପାଦକ ରମାକାନ୍ତ ବେହେରା, ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ବସନ୍ତ କୁମାର ଦାସ ,କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ,ସଂପାଦକ ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁ,ସନ୍ତୋଷ ଦାଶ, ସଞ୍ଜୟ ପତି ଙ୍କ ସମେତ ବିଭିନ୍ନ ସ୍ଥାନରେ ସଂଗଠନ ମାନଙ୍କ ପକ୍ଷରୁ ସ୍ୱର୍ଗତ ମହାପାତ୍ରଙ୍କ ଶବାଧାରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରା ଯାଇଥିଲା। କୁରୁଜଙ୍ଗ ଓ ରାଉଳ ପାଟଣା ର ତାଙ୍କ ବାସଭବନକୁ ସ୍ୱର୍ଗତ ରାମକୃଷ୍ଣ ଙ୍କ ମୃତ ଦେହକୁ ନିଆଯାଇଥିଲା ।ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା,ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଜେଡି ନେତା ସତ୍ୟବ୍ରତ ପାତ୍ର, କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ରେଡ଼ିଓ ନମସ୍କାର ର ଅଧକ୍ଷ ଏନଏ ଶାହା ଅନସାରୀ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ରାଜ କିଶୋର ମହାପାତ୍ର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇ ଥିଲା ।ପୁଅ ସମ୍ପଦ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଏହି ଘଟଣା ପୁରୀ ଜିଲ୍ଲା ର ସାମ୍ବାଦିକ ମାନଙ୍କୁ ସ୍ତବ୍ଧ କରି ଦେଇଛି।

## ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ସହ ଅନ୍ୟାନ୍ୟ ଭତ୍ତା ବଣ୍ଟନ

ପୋଲସରା ୨୮/୨(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ଏନଏସିରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ସହ ଅନ୍ୟାନ୍ୟ ବଣ୍ଟନ ବଣ୍ଟନ ସହ ଗୁରୁତ୍ୱ ପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ୫ ଶହ ଟଙ୍କା ବଣ୍ଟନ କରିବା ସହ ଭିନ୍ନକ୍ଷମ ମାନଙ୍କୁ ମଧ୍ୟ ଭତ୍ତା ବଣ୍ଟନ କରିଥିଲେ। ପରେ ବୈଠକ ଗୃହରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ, ପିଏମ୍ ଆବାସ, ଗମନାଗମନ, ବିଦ୍ୟୁତ୍, ପିଇବା ପାଣି, ସ୍ୱାସ୍ଥ୍ୟ, ଜବର ଦଖଲ ଓ ଆଲୋକିକରଣ ଉପରେ ସମୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧ୍ୟକ୍ଷା ସଂଗୀତା କୁମାରୀ ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାଉନସିଲର, ସମସ୍ତ ଅଧିକାରୀ, ଜେଇ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ର ଓଡ଼ିଆଭାଷା ଓ ସାହିତ୍ୟ ବିଭାଗର ଆଲୋଚନା ଚକ୍ର



ବେଲଗୁଣ୍ଠା ୨୮/୨(ନି.ପ୍ର): ସ୍ଥାନୀୟ ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଗଙ୍ଗାଧର ମେହେରଙ୍କ କାବ୍ୟ ସମ୍ଭାରରେ ତପସ୍ୱିନୀ ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ତଥା ଆଲୋଚକ ଭାବେ ବୁଗୁଡ଼ା ପିପୁଲସ୍ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ.ହିମାଶୁ ରଥ ଯୋଗଦେଇ ପ୍ରକୃତି କବି ଗଙ୍ଗାଧର ମେହେର କାବ୍ୟ ସମ୍ଭାର ଓ ଅନ୍ୟାନ୍ୟ ସାହିତ୍ୟିକ କୃତୀ ସମେତ ତପସ୍ୱିନୀ କାବ୍ୟ ସଂପର୍କରେ ଉଚ୍ଚକୋଟୀର ମନ୍ତବ୍ୟ ରଖି ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସପନ କୁମାର ପ୍ରଧାନ ଏବଂ ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଅଶୋକ କୁମାର ପ୍ରଧାନ ଅଧ୍ୟାପିକା ସୁଶ୍ରୀ ଲକ୍ଷ୍ମୀ ଗୌଡ଼ ଓ ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ । ପ୍ରାରମ୍ଭରେ ଅଧ୍ୟାପକ ସପନ କୁମାର ପ୍ରଧାନ ଅତିଥି ପରିଚୟ ସହ ତପସ୍ୱିନୀ କାବ୍ୟ ସଂପର୍କରେ ସମ୍ୟକ୍ ଆଲୋଚନା କରିଥିଲେ । ଏହି ଆଲୋଚନା ଚକ୍ରରେ ଓଡ଼ିଆ ସମ୍ମାନର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ଅଧ୍ୟାପକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହାରପଡା ବ୍ଲକ ରେ ଉଦ୍ୟାନ ଚାଷ ପ୍ରହସନ



ପାଟଣା ୨୮/୨(ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦ୍ୱାରା ଚାଷୀ ମାନଙ୍କୁ ଚାଷ ନିମନ୍ତେ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ସାହାରପଡା ବ୍ଲକ ଦିଗିପସି ପଞ୍ଚାୟତ ଗାଇଁଶୀରି ଗ୍ରାମରେ ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ ବା ନାବାର୍ଡ ର ଆର୍ଥିକ ସହାୟତାରେ, ଉଦ୍ୟାନ ବିକାଶ ଯୋଜନା ରେ ୫୧.୫୧ ହେକଟର ଜମିରେ ଆମ୍ବ ଓ କାଜୁ ଚାରା ଗତ ୨୦୨୩ ମସିହା ରୁ ଲଗା ଯାଇଥିଲା । ଉକ୍ତ ଉଦ୍ୟାନ କୁ ପରିଚାଳନା ନିମନ୍ତେ ବନବାସୀ କଲ୍ୟାଣ ଆଶ୍ରମ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁ ନାବାର୍ଡ ନିୟୋଜିତ କରିଥିଲା । ମାତ୍ର ଉକ୍ତ ଅନୁଷ୍ଠାନ ର ବେଖାତିର ମନୋଭାବ ଯୋଗୁ ଗୋଟିଏ ବି ଗଛ ବଞ୍ଚି ରହିଲା ନାହିଁ । ଚଳିତ ବର୍ଷ ମଧ୍ୟ ଅଳ୍ପ କିଛି ଗଛ ଲଗାଯାଇଥିଲା ସେଥିରୁ ୧୦ ରୁ ୨୦ ଟି ମାତ୍ର ବଞ୍ଚି ଥିବା ଦେଖାଯାଇଛି । ଉକ୍ତ ସ୍ଥାନ ରେ ଚଳିତ ବର୍ଷ ମାଣ୍ଡିଆ ଚାଷ କରାଯାଇଥିଲା । ତେବେ କେନ୍ଦ୍ର ସରକାର ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ନାବାର୍ଡ ଭଳି ଦାୟିତ୍ୱ ସମ୍ପନ୍ନ ସଂସ୍ଥା ଅଭିଜ୍ଞତା ନଥିବା ଏକ ଅନୁଷ୍ଠାନ କୁ ମନୋନୀତ କରି ଲକ୍ଷ ଲକ୍ଷ ସରକାରୀ ଅର୍ଥ ବର୍ବାଦ କେମିତି କରୁଛି ବୋଲି ଏଠାରେ ସାଧାରଣ ରେ ଚର୍ଚ୍ଚା ହେଉଛି ।

# ଲୁଟିନେଲେ ଅଳଙ୍କାର ଓ ଲକ୍ଷାଧିକ ଟଙ୍କା: ଦୋକାନ ବଜାର ବନ୍ଦ




ତୁମୁଡିବନ୍ଧ : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଅଞ୍ଚଳ ଚୋରଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଉଛି । ବାରମ୍ବାର ଚୋରି, ଡକାୟତି, ଲୁଟତରାଜ, ରାହାଜାନି କରି ସିଧାସଳଖ ସ୍ଥାନୀୟ ପୋଲିସକୁ ଚାଲେଞ୍ଜ ଦେଇ ଚାଲିଛନ୍ତି । ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ବୁଧବାର ମଧ୍ୟରାତ୍ରିରେ ତୁମୁଡିବନ୍ଧ ସ୍ଥିତ ଡ଼ଃ.ଆମ୍ବେଦକର ଛକ ବାସିନ୍ଦା ପିତାମ୍ବର ସାହୁ (ସନ୍ତୋଷ)ଙ୍କ ଘର ଉପରେ ୪/୫ ଜଣ ଅଜଣା ମୁଖା ଧାରୀ ଦୁର୍ବୃତ୍ତ ଅଚାନକ ଚଢ଼ାଉ କରି ୮ ଭରି ସୁନା ଅଳଙ୍କାର ଏବଂ ନଗଦ ଏକ ଲକ୍ଷ ଟଙ୍କା ଲୁଟ କରି ନେଇଯାଇଛନ୍ତି । ଜଳେଶପଟ୍ଟା ସ୍ଥିତ ଜଳେଶ୍ୱର ଶୈ?ବ ପୀଠରେ ଶିବ ରାତ୍ରି ଥିବା କାରଣରୁ ରାତି ତମାମ ଗହଳ ଚହଳ ଲାଗି ରହିଥିଲା । ସବୁଦିନ ଭଳି ସନ୍ତୋଷ ତାଙ୍କ ପରିବାର ସହ କବାଟ ବନ୍ଦ କରି ଶୋଇପଡ଼ିଥିଲେ । ରାତି ଅଧରେ କେହି କବାଟ ବାଡେଇବାରୁ ଖୋଲିବାକୁ ସଂକୋଚ କରି ଚେଇଁ ବସିଥିଲେ ସନ୍ତୋଷ । କିନ୍ତୁ ଚୋର ମାନେ କବାଟ ଭାଙ୍ଗି ଭିତରେ ପଶିଥିଲେ । ପ୍ରଥମେ ସନ୍ତୋଷଙ୍କ ପାଟିକୁ ବଡ଼ ସେଲୋଟେପରେ ବନ୍ଦ କରି ପଛପଟ ଦୁଇ ହାତକୁ ବାନ୍ଧି ତାଙ୍କ ସ୍ତ୍ରୀ ମୁଣ୍ଡରେ ବନ୍ଧୁକ ଲଗାଇ ସବୁ ଅଳଙ୍କାର ଲୁଟି ନେଇଯାଇଥିଲେ ଦୁର୍ବୃତ୍ତ । ସେପଟେ ପୋଲିସ ଶିବରାତ୍ର ପାଇଁ ମନ୍ଦିର ପଇଁତରା ମାରୁଥିବା ବେଳେ ଏପଟେ ଏକ ବଡ଼ ଧରଣର କଳାକନା ବୁଲାଇଲେ ଚୋର । ପ୍ରକାଶ ଥାଉକି ୨୦୨୩ ମସିହା ଏପରି ଶିବରାତ୍ରରେ ହିଁ ମେଡିକାଲ ସମ୍ମୁଖ ଝୁନା ପରିଡ଼ାଙ୍କ ଗୃହରୁ ଏକ ବଡ଼ ଧରଣର ଚୋରୀ ହୋଇଥିଲା । ଏପରି ଛୋଟ ବଡ଼ ଧରଣର ଚୋରୀ ନିୟମିତ ହେଉଥିବାରୁ ପୋଲିସର ଅପାରଗତାର ଯଥେଷ୍ଟ ଫାଇଦା ଉଠାଉଛନ୍ତି ଚୋରଦଳ । ତେଣୁ ପୁଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ ବ୍ୟକ୍ତ କରି ଗୁରୁବାର ତୁମୁଡିବନ୍ଧରେ ବଣିକ ସଂଘ ଓ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଦୋକାନ ବଜାର ବନ୍ଦ କରି ପ୍ରାୟ ୫ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ରାସ୍ତାରୋକ କରିଥିଲେ । ଯାହା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ସହ ସହ ଯାନବାହାନ ଅଟକି ଥିବାରୁ ଜନସାଧାରଣ ଓ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଖବର ପାଇ ବାଲିଗୁଡ଼ା ପୋଲିସ ଏସଡିପିଓ ରାମେନ୍ଦ୍ର ପ୍ରସାଦ ଘଟଣା ସ୍ଥଳରେ ନିଜେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ତୁମୁଡିବନ୍ଧ ଗ୍ରାମବାସୀ ଓ ବଣିକ ସଂଘ ସହ ଆପୋଷ ଆଲୋଚନା କରି ଏହି ଡକାୟତି ଘଟଣାର ତଦନ୍ତ କରିବା ସହ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବେ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ ଅଞ୍ଚଳ ବାସୀ । ତେବେ ବାରମ୍ବାର ଏହିଭଳି ଚୋରି, ଡକାୟତି, ଲୁଟତରାଜ ଓ ରାହାଜାନି ତୁମୁଡିବନ୍ଧ ଅଞ୍ଚଳରେ ଲାଗିରହିଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଅପରପକ୍ଷେ ଆଇନ ବ୍ୟବସ୍ଥାରେ କୋହଳତା ଯୋଗୁଁ ବାରମ୍ବାର ଗିରଫ ପରେ ଚୋରଙ୍କୁ ସହଜରେ ଜାମିନ ମିଳିଯାଉଛି ଏବଂ ପୋଲିସକୁ ଆଉ ଭୟ କରୁନାହାନ୍ତି । ତେବେ ଏସଡିପିଓଙ୍କ ପ୍ରତିଶ୍ରୁତି ପରେ ଚୋରଙ୍କ ଉପରେ ଅଙ୍କୁଶ ଲଗାଇବାରେ ପୋଲିସ କେତେଦୂର ସଫଳ ହେଉଛି ତାହା ତୁମୁଡିବନ୍ଧ ଜନସାଧାରଣ ଦେଖିବାକୁ ବାକି ରହିଲା ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

ନିମାପଡା ୨୮/୨(ନି.ପ୍ର): କାକଟପୁର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ ନେଇ ଏକ ସାଧାରଣ ବୈଠକ ବରିଷ୍ଠ ଶିକ୍ଷକ ମୁନିର ଅହମ୍ମଦ ଖାଁଙ୍କ ସଭାପତିତ୍ୱରେ ଶିକ୍ଷକ ଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ମୁନିର ଅହମ୍ମଦ ଖାଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘକୁ ଭଙ୍ଗ କରି ନୂତନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସେଇ ଅନୁସାରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଭାବେ ଅକ୍ଷୟ କୁମାର ଖୁଣ୍ଟିଆ, ଉପ ସଭାପତି ବିପିନ ବିହାରୀ ନନ୍ଦୀ ,ମୁକାରିବ୍ ଖାଁ, ସମ୍ପାଦକ ମନୋରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ହାଲିମ୍ ଖାଁ ଓ ଲକ୍ଷ୍ମୀଧର ବାରିକ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ମୁନିର୍ ଅହମ୍ମଦ ଖାଁ, ଦୀପ୍ତି କୁମାରୀ ମହାନ୍ତି,ରକ୍ଷକ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ମହାନ୍ତି,ତ୍ରିଲୋଚନ ବିଶ୍ୱାଳ, ହରିଶ ଚନ୍ଦ୍ର ଦଳାଇ, ସଦାଶିବ ସାହୁ ଓ ମିଡିଆ ସଂଯୋଜକ ଭାବେ ଶେଖ ଫଜଲୁର ରହମାନ ମନୋନିତ ହୋଇଥିବା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ ପ୍ରକାଶ କରିଛନ୍ତି ।

## ପାଇଲିପଡା ପଞ୍ଚାୟତରେ ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ ସଲିଳା



ବେଲଗୁଣ୍ଠା ୨୮/୨(ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ପାଇଲିପଡା ପଞ୍ଚାୟତର ଅନାସ୍ଥାରେ ସରପଞ୍ଚ ପଦବୀ ହରାଇବା ପରେ ନାଏବ ସରପଞ୍ଚ ଥିବା ସଲିଳା ମହାରଣା ଆଜି ଦିନ ଏକ ଘଣ୍ଟା ସମୟରେ ଗ୍ରାମସେବିକା ଲିଟି ନାୟକଙ୍କ ଠାରୁ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ସମୟରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ୧୩ ଜଣ ବିଜେପି ସମର୍ଥିତ ୱାର୍ଡ଼ ମେମ୍ବରଙ୍କ ସମେତ ପାଇଲିପଡା ସମିତି ସଭ୍ୟ କେ.ରବୀନ୍ଦ୍ର କୁମାର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁଧୀର ଜେନା, ସ୍ଥାନୀୟ ବିଜେପି ନେତା ବାଲ୍ୟ ବନ୍ଧୁ ସ୍ୱାଇଁ ଓ ବଳରାମ ସ୍ୱାଇଁ ଉପସ୍ଥିତ ରହି ସଲିଳାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ।ପରେ ନୂତନ ସରପଞ୍ଚ ସଲିଳା ମହାରଣାଙ୍କ ସଭାପତିତ୍ୱରେ ପଞ୍ଚାୟତରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉ କି,ପାଇଲିପଡା ପଞ୍ଚାୟତରେ ବିଜେଡି ସମର୍ଥିତ ଥିବା ସରପଞ୍ଚ ଜୟରାମ ନାୟକଙ୍କ ବିରୋଧରେ ଚଉଦ ଜଣ ୱାର୍ଡ଼ ସଭ୍ୟ ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ନଭେମ୍ବର ୨୦ ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ହୋଇଥିଲେ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଗଣତି ନ ହୋଇ ଭଞ୍ଜନଗର ଟ୍ରେଜେରୀ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିଲା ।ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୪ ତାରିଖରେ ଭୋଟ ଗଣତି ହୋଇଥିଲା । ଏଥିରେ ଅନାସ୍ଥା ସପକ୍ଷରେ ୧୪ଟି ଭୋଟ ପଡିଥିବା ବେଳେ ବିପକ୍ଷରେ ୬ ଟି ଭୋଟ ପଡ଼ିଥିଲା ।ଯାହ ଫଳରେ ଅନାସ୍ଥା ଭୋଟରେ ସରପଞ୍ଚ ଜୟରାମ ହାରିବା ପରେ ଜିଲ୍ଲା ପ୍ରଶାସନ ୧୪ ନମ୍ବର ୱାର୍ଡ଼ ସଭ୍ୟା ତଥା ନାଏବ ସରପଞ୍ଚ ଥିବା ସଲିଳା ମହାରଣାଙ୍କୁ ଅନ୍ତରୀଣ ସରପଞ୍ଚ ଭାବେ ଦାୟିତ୍ୱ ନେବାକୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ ।

## ସିଲିପଦା ଶିବ ମନ୍ଦିର ରେ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ଼



ପାଟଣା ୨୮/୨(ନି.ପ୍ର): ପବିତ୍ର ଶିବରାତ୍ରି ରେ ସାହାରପଡ଼ା ବ୍ଲକ ର ସମସ୍ୟା ଶିବ ମନ୍ଦିର ଗୁଡିକ ରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ଗୁଡିକ ସୁନ୍ଦର ଭାବେ ସାଜ ସଜା ହୋଇଥିଲା । ଅନେକ ସ୍ଥାନରେ ଯାତ୍ରା ପଡ଼ିଥିବା ଦେଖିବାକୁ ମିଳିଥିଲା । ସାହାରପଡା ବ୍ଲକ ଅନ୍ତର୍ଗତ ସିଲିପଦା ପ୍ରାଚୀନ ଶିବ ମନ୍ଦିର ହୋଇଥିବାରୁ ଏଠାରେ ଗତକାଲି ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଭିଡ଼ କୁ ଦେଖି ମନ୍ଦିର କମିଟି ଚାରି ଜଣ ପୂଜକ ଙ୍କୁ ପୂଜା କରିବାକୁ ନିୟୋଜିତ କରିଥିଲେ । ସେମାନେ ହେଲେ ଉଦୟ ନାରାୟଣ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ଦେବଦତ୍ତ ପତି ଓ ମାମୁନି ପତି । ଭିଡକୁ ଦେଖି କମିଟି ତରଫରୁ ଧାଡି ବ୍ୟବସ୍ଥା କରାଯାଇଥିଲା। କମିଟି ର ସଭାପତି ଦିଲୀପ ମହାନ୍ତ , ସମ୍ପାଦକ ମଳୟ କୁମାର ମହାନ୍ତ, ଜଗନ୍ନାଥ ମହାନ୍ତ, ଚନ୍ଦନ ଦେହୁରୀ, କ୍ଷେତ୍ରମୋହନ ଦେହୁରୀ, ମଦନ ମୋହନ ମହାନ୍ତ, ବେଲାଳସେନ ପାତ୍ର, ଗନ୍ଧର୍ବ ନାଏକ ଓ ମନୋଜ କୁମାର ମହାନ୍ତ ପ୍ରମୁଖ କମିଟି ର ସଦସ୍ୟ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ରାତିରେ ମଧ୍ୟ ଜାଗର ଜାଳିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜାଣିବାକୁ ମିଳିଛି।

# ଦାରିଙ୍ଗବାଡି ଠାରେ ରାଜ୍ୟର ପ୍ରଥମ ଜିଲ୍ଲା ସ୍ତରୀୟ ପୁଞ୍ଜି ବିନିଯୋଗ କର୍ମଶାଳା ଉଦ୍‌ଘାଟିତ




ବାଲିଗୁଡା ୨୮/୨(ନି.ପ୍ର): ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ଠାରେ ରାଜ୍ୟର ପ୍ରଥମ ଜିଲ୍ଲା ସ୍ତରୀୟ ପୁଞ୍ଜି ବିନିଯୋଗ କର୍ମଶାଳା-୨୦୨୫ ଦାରିଙ୍ଗବାଡି ସ୍ଥିତ ଇକୋ ରିଟ୍ରିଟ୍ ଠାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ, ପଶୁପାଳନ, ଉଦ୍ୟାନ କୃଷି ପାଇଁ ପାଇଁ ବ୍ୟାପକ ସୁଯୋଗ ରହିଥ?ବା ଏବଂ ଏହାର ଉପଯୋଗ ପାଇଁ ଏହା ଏକ ଯଥାର୍ଥ ଉଦ୍ୟମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍କର୍ଷ ଓଡିଶାର ସଫଳ ରୂପାୟନ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ ସାଂସଦ ଶ୍ରୀ ପାଣିଗ୍ରାହୀ । ଏହି ଇନଭେଷ୍ଟମେଣ୍ଟ ମିଟ୍?ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଷ୍ଠିତ ଉଦ୍ୟୋଗୀମାନେ ଯୋଗ ଦେଉଛନ୍ତି । ଜିଲ୍ଲାରେ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜିନିବେଶର ସମ୍ଭାବନା ସମ୍ପର୍କରେ ବିଶେଷ ଆଲୋଚନା କରାଯିବ। ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟୋଗୀମାନଙ୍କୁ ଭିତ୍ତିଭୂମି ସହାୟତା ନେଇ ମଧ୍ୟ ବିଚାର ବିମର୍ଶ କରାଯିବ । କନ୍ଧମାଳ ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଯୋଗ ଦେଇଥିବା ବ୍ୟବସାୟ ପ୍ରତିଷ୍ଠାନର ପ୍ରତିନିଧି ମାନେ ପ୍ରକାଶ କରିଛନ୍ତି । କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବାଲିଗୁଡା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନ, ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ସାବରମତୀ ଢାଞ୍ଚାରେ ହେବ ମହାନଦୀ ରିଭର୍‌ଫ୍ରଣ୍ଟ ପ୍ରକଳ୍ପ

## ଖର୍ଚ୍ଚ ହେବ ୨୨୦କୋଟି ଟଙ୍କା



ଭୁବନେଶ୍ୱର,୨୮/୨: ଖୁବ୍‌ଶିଘ୍ର ଆରମ୍ଭ ହେବ କଟକ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ। ୨୨୦କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ ଆରମ୍ଭହେବା ନେଇ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଖାରବେଳ ଭବନରେ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଭରଫ୍ରଣ୍ଟ ପ୍ରକଳ୍ପ ଡିପିଆରକୁ ରାଜ୍ୟ ସରକାରଙ୍କ ଅନୁମୋଦନଦେଇ ସାରିଛନ୍ତି। ପ୍ରକଳ୍ପ ପାଇଁ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ବ୍ୟୟ କରାଯିବ। ଏଠାରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ଫୁଡ୍ କୋର୍ଟ, ଷ୍ଟଲ, ସ୍ପୋର୍ଟସ, ପିକନିକ ସ୍ପଟ୍, ଥିମ୍ ପାର୍କ, ଓପନ ଏଆର୍ ଆର୍ମି ଥିଏଟର, ସେନ୍ସରୀ ପାର୍କ, ସନ୍‌ସେଟ୍ ଡେକ୍, ବଟର ଫ୍ଲାଏ ଗାର୍ଡେନ, ସେନ୍ସରୀ ପାର୍କ ନିର୍ମାଣ କରାଯିବା ନେଇ ଯୋଜନା ହୋଇଛି। ଏହା ସଂପୂର୍ଣ୍ଣ ଭାବେ ଇକୋ ଫ୍ରେଣ୍ଡଲି ହେବ। ଆସନ୍ତା ବାଲିଯାତ୍ରା ସୁଦ୍ଧା ପ୍ରଥମ ପର୍ଯ୍ୟାୟ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସିଡିଏ ଏହି କାମକୁ ତ୍ୱରାନ୍ୱିତ କରିବ। ୨୮୨ ଏକର ସ୍ଥାନକୁ ଉନ୍ନତିକରଣ କରାଯିବ। ବାଲିଯାତ୍ରା ପଡ଼ିଆ ପାଇଁ ୬୦ଏକର ଜମି ଉନ୍ନତୀକରଣ କାମ ହାତକୁ ନିଆଯିବ। ଏନ୍‌ଜିଟିର ଗାଇଡ ଲାଇନକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟ ଆଗକୁ ନିଆଯିବ। ଆସନ୍ତା ୩ ବର୍ଷ ମଧ୍ୟରେ କାମ ଶେଷ ହେବ। ଏହି ଅଞ୍ଚଳରେ ଥିବା ବସ୍ତିଗୁଡ଼ିକୁ ଉଚ୍ଛେଦ କରାଯିବ। ଉଚ୍ଛେଦ ହୋଇଥିବା ଲୋକଙ୍କୁ ଆଫୋଡେବୁଲ୍ ହାଉସିଂ ଯୋଜନାରେ ଘର ଯୋଗେଇ ଦିଆଯିବ। ଏହି ପ୍ରକଳ୍ପ ୪୦୦କୋଟି ଛୁଇଁବା ନେଇ ଆଶା କରାଯାଉଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ସେପଟେ ରିଭର ଫ୍ରଣ୍ଟରେ କଂକ୍ରିଟ ନିର୍ମାଣ କରାଯିବ ନାହିଁ। ଏହା ସହିତ ସମ୍ପୂର୍ଣ୍ଣ ସ୍ଥାନର ଏକ ତୃତୀୟାଂଶ ସ୍ଥାନ ବନୀକରଣ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୋଭିକ ବିଶ୍ୱାଳ, ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ମେୟର ସୁବାସ ସିଂ, ବିଭାଗର ପ୍ରମୁଖ ଶାସନସଚିବ ଉଷା ପାଢ଼ୀ ଓ ବିଭାଗୀୟବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏନେଇ ସିଏମ୍‌ସି ମେୟର ସୁବାଷ ସିଂ କହିଛନ୍ତି ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହାନଦୀ ଉନ୍ନତୀକରଣକୁ ନେଇ ୨୦୨୦ ମସିହାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହା ୪୨୦ ଏକର ପରିମିତ ଯୋଜନା ଥିଲା। ଏଥିରେ ଖେଳପଡ଼ିଆର ଉନ୍ନତୀକରଣ, ଏସିବିର ମେଡିକାଲ୍‌ର ଉନ୍ନତୀକରଣ, ମହାନଦୀ ସୌନ୍ଦର୍ଯ୍ୟୀକରଣ ସହ ଏକାଧିକ ପ୍ରକଳ୍ପ ସାମିଲ ରହିଥିଲା। ଏନେଇ ଡିପିଆର ମଧ୍ୟ ପ୍ରସ୍ତୁତ ହୋଇସାରିଥିଲା। ହେଲେ ପରବର୍ତ୍ତି ସମୟରେ ଗ୍ରୀନ୍ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ୍ କରାଯିବାରୁ ପ୍ରକଳ୍ପ କାର୍ଯ୍ୟ ଅଟକି ଯାଇଥିଲା। ନୂତନ ସରକାରଙ୍କ ମହାନଦୀ ଅବବାହିକା ବିକାଶ ଯୋଜନା ଏହାର ଏକ ନକଲ। ଏଥିରେ ନୂତନତ୍ୱ କିଛି ନାହିଁ। ଏହା ରଙ୍ଗବଦଳା ଯୋଜନା ବୋଲି ମେୟର ଶ୍ରୀଯୁକ୍ତ ସିଂ କହିଛନ୍ତି।

# ବାଇକ୍ ଆରୋହୀ ଯୁବକଙ୍କୁ ଚାପିଦେଲା ଲକ୍ଷ୍ମୀ ବସ୍






ଜଗତସିଂହପୁର,୨୮/୨: ବାଲିକୁଦା ଥାନା ଅଧୀନ ଇଚ୍ଛାପୁର ପଞ୍ଚାୟତ ମଲ୍ଲିକାପୁର ଗ୍ରାମର ସ୍ୱର୍ଗତ ଈଶ୍ୱର ସାହୁଙ୍କ ଏକମାତ୍ର ପୁତ୍ର ପ୍ରଭଞ୍ଜନ ସାହୁ(୪୨)ଙ୍କ ଲକ୍ଷ୍ମୀ ବସ୍ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସକାଳ ପ୍ରାୟ ୯ଟାରେ ପ୍ରଭଞ୍ଜନ ଘରୁ ଖାଇ ପିଇ ଆବଶ୍ୟକୀୟ ସଉଦା ପାଇଁ ବାଇକ୍ (ଓଆର ୨୧ଇ ୦୭୩୧) ନେଇ ବାଲିକୁଦା ବଜାର ଆସୁଥିଲେ। ଏହି ସମୟରେ ବାଲିକୁଦା ବଜାରରୁ ନିୟମିତ ପରି ଭାୟା ନାଗପୁର, କୂଳଉପର ଦେଇ ବାନାମ୍ବର ପର୍ଯ୍ୟନ୍ତ ଯାଉଥିବା ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ (ଓଡି୨୧ ଆର ୧୬୧୩) ନାଗପୁର ପୋଲ ନିକଟରେ ସିଧାସଳଖ ପ୍ରଭଞ୍ଜନର ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାରେ ସେହିଠାରେ ହିଁ ପ୍ରଭଞ୍ଜନର ପ୍ରାଣ ବାୟୁ ଉଡି ଯାଇଥିଲା। ସ୍ଥାନୀୟ ଲୋକେ ବସ୍‌କୁ ଅଟକ ରଖିବା ସହ ବାଲିକୁଦା ପୁଲିସକୁ ସୂଚନା ଦେଇଥିଲେ। ଏପରିକି ଆମ୍ବୁଲାନ୍ସ ମାଧ୍ୟମରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ ସୁଦ୍ଧା ଡାକ୍ତର ସେଠାରେ ମୃତ ହୋଇଥିବା ସୂଚନା ଦେଇଥିଲେ।

FORM 1

. FORM OF DECLARATION

(See Rule3)

I, GITANJALI NANDA declare that I am the publisher or printer of the newspaper entitled **JAGANNATH EXPRESS** to be printed at Bhubaneswar and published at Bhubaneswar or to be printed and published at Bhubaneswar and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | **JAGANNATH EXPRESS** |
| 2. Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri- weekly, bi-weekly , | : | Daily |
| (b) In the case of a daily, please state whether: If morning or evening newspaper ? | : | Morning |
| (c ) In the case of a newspaper other than a daily, please state the days(s) date(s) on which it is ( to be) published. | : | N.A |
| 4. Retail selling price of the newspaper per copy | : | Rs.2.00 |
| (i) If the newspaper is for free distribution, Please state that it is "for free distribution". | : | N.A |
| (b) If it has only an annual subscription and no Retail price, please state the annual Subscription. | : | N.A |
| 5 Publisher's Name : | : | GITANJALI NANDA |
| Nationality (e) Whether a citizen of India? | ; | Yes, Indian |
| (f) If a foreigner, please state the Country of origin | : | N.A |
| Address | | At- Nuagaon, Po- Raj Ranpur, Dist- Nayagarh, Pin- 752026 |
| 6. Place of Publication ( Please give the complete postal address) | : | At- Nuagaon, Po- Raj Ranpur, Dist- Nayagarh, Pin- 752026 |
| 7. Printer's Name | : | GITANJALI NANDA |
| Nationality (a) Whether a citizen of India? | : | Indian At- Nuagaon, Po- Raj Ranpur, Dist- Nayagarh, Pin- 752026 |
| 8. Name(s) of the printing press (es) where the The newspaper is actually printed and the true and precise description of the premises on which the press(es) is / are installed | : | M/s Janjalidevi Printers & Publishers Plot No- 131, Rajarani Nagar, Bhubaneswar- 751014,( ODISHA) |

# ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟି ବୈଠକ



ଯାଜପୁର, ତା ୨୮.୦୨.୨୦୨୫ ରିଖ: ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ପରିଚାଳନା (ଦିଶା) କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ଲୋକସଭା ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା ଗୁଡ଼ିକର ପ୍ରଣୟନ ଓ କାର୍ଯ୍ୟକାରିତା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ସାଂସଦ କହିଲେ ନୂତନ ସରକାର ଗଠନ ହେଲା ପରେ ପ୍ରଥମ ଥର ଏହି ବୈଠକ ଅନୁଷ୍ଠିତ ହେଉଅଛି। କେନ୍ଦ୍ରୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରି ଜିଲ୍ଲାକୁ ବିକଶିତ କରିବା ମୁଖ୍ୟ ଉଦ୍ଦେଶ୍ୟ। ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ତଥା ମେମ୍ବର କନଭେନର ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ସାମାଜିକ ସହାୟତା ଯୋଜନାରେ ଯେଉଁ ବୟସ୍କ ଓ ଭିନ୍ନକ୍ଷମ ହିତାଧିକାରୀ ବ୍ୟାଙ୍କ୍ କୁ ଯାଇ ପାରୁ ନାହାଁନ୍ତି ସେମାନଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବି.ଡି.ଓ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଭତ୍ତା ପଇସା ଲୋନ ବାବଦକୁ ନକାଟିବାକୁ ବିଧାୟକ ବଡ଼ଚଣା ଶ୍ରୀ ଅମର କୁମାର ନାୟକ ପରାମର୍ଶ ଦେଇଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ଏନ୍.ଆର.ଇ.ଜି.ଏସ ରେ ମଜୁରୀ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚଣ୍ଡିଖୋଲ ରୁ ଡୁବୁରୀ ରାସ୍ତା କାମ ତୁରନ୍ତ ଶେଷ କରିବାକୁ ବିଧାୟକମାନେ ଏନ୍.ଏଚ୍.ଏ.ଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବଡ଼ଚଣା ବ୍ଲକରେ ଦୀର୍ଘ ଦିନ ଧରି ନିର୍ମାଣଧୀନ ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏମ.ଜି.ଏନ୍.ଆର.ଇ.ଜି.ଏସ, ଦୀନଦୟାଲ ଅନ୍ତୋଦୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆର.ସେ.ଟି,ସଂସଦ ଆଦର୍ଶ ଗ୍ରାମ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ ଲାଇଭ ଷ୍ଟକ୍ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବେଟି ବଚାଓ ବେଟି ପଢାଓ ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ମହିଳା ନିରାପତ୍ତା ଓ ସୁରକ୍ଷା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଳ ଜୀବନ ମିଶନ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ୍ ମର୍ଡନାଇଜେଶନ ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପି.ଏମ.ଇ.ଜି.ପି, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ଏମ.ପି ଲ୍ୟାଡ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ପ୍ରି ଏବଂ ପୋଷ୍ଟ ମାଟ୍ରିକ ସ୍କଲାରସିପ, ଖେଲୋ ଇଣ୍ଡିଆ, ଇ-ଶ୍ରମ ପୋର୍ଟାଲ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ବରୀ ବିଧାୟକ ଶ୍ରୀ ବିଶ୍ୱରଂଜନ ମଲ୍ଲିକ୍, ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକ, ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା, ଉପାଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବରାଳ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଶୋକ କୁମାର କୁମାର ବେହୁରିଆ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ ଓ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ବ୍ଲକ୍ ଓ ମ୍ୟୁନିସିପାଲିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବି.ଡି.ଓ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ।

# ମାଣ୍ଡିଆ ଚାଷୀଙ୍କ ପାଖରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସରକାରୀ ବାବୁ



ଜୟପୁର,୨୮/୨: ମାଣ୍ଡିଆ ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଲେ ସରକାରୀ ବାବୁ। କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ କୁନ୍ଦୁଲି ଲ୍ୟାମ୍ପର ଦାୟିତ୍ୱରେ ଥିବା ସତ୍ୟରଞ୍ଜନ ଚାଲାଣ ଜଣେ ଚାଷୀଙ୍କ ପାଖରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଚାଲାଣ ମାଣ୍ଡିଆ କିଣିବାକୁ ବସ୍ତା ପିଛା ୪୫ ଟଙ୍କା ନେବାକୁ କହିଥିଲେ। ଏହିପରି ଭାବେ ୧୧୭ ବସ୍ତା ପାଇଁ ୩ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଲାଞ୍ଚ ଅର୍ଥ ନ ଦେଲେ ମାଣ୍ଡିଆ କିଣାହେବ ନାହିଁ ବୋଲି ରୋକଠୋକ ଶୁଣାଇଦେଇଥିଲେ। ଏନେଇ ଚାଷୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ଜାଲ ବିଛାଯାଇଥିଲା। ଆଉ ଆଜି ଚାଲାଣ ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି।

# ଋଣ କୁ ନେଇ ମହିଳା ମଣ୍ଡଳରେ ତୁମୁଳ କାଣ୍ଡ

## ୧୧୨କୁ ବି ଛାଡିଲେନି ,ଦୀର୍ଘ ସମୟ ଅଟକ ରଖିଲେ ସଂଖ୍ୟାଧିକ ମହିଳା




କେନ୍ଦ୍ରାପଡ଼ା(୨୮/୦୨) କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ତରାପୁର ଗ୍ରାମରେ ଥିବା ତାରାଦେଇ ମହିଳା ମଣ୍ଡଳରେ ଘଟିଛି ଏମିତି ଏକ ଘଟଣା। ସୂଚନା ମୁତାବକ ତରାଦେଇ ମହିଳା ମଣ୍ଡଳରେ ଥିବା ସଭାପତି ରୋମାଲିନ ମଲ୍ଲିକ ୨୦୨୨ ମସିହାରେ ସମସ୍ତ ସଭ୍ୟାଙ୍କ ଅନୁମତି ନେଇ ତରାପୁର ସ୍ଥିତ କାନାରା ବ୍ୟାଙ୍କ୍ ରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ନିଜର ଆବଶ୍ୟକତା ଦର୍ଶାଇ ସମ୍ପୂର୍ଣ୍ଣ ଋଣ ରୁ ନିଜେ ୭୦ ହଜାର ଟଙ୍କା ନେଇଥିଲେ। ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୁଧ ସହ ସମସ୍ତ ରାଶି ତାରାଦେଇ ମହିଳା ମଣ୍ଡଳକୁ ପରିଶୋଧ କରିବେ ବୋଲି କହିଥିଲେ। କିନ୍ତୁ କୌଣସି କାରଣରୁ ତାଙ୍କ ଶାଶୁ ଘରେ ସେ ନରହି ନିଜ କଳପଡ଼ା ସ୍ଥିତ ବାପ ଘରକୁ ଚାଲିଗଲେ ଏବଂ ନେଇଥିବା ଋଣ ନସୁଝି ସମୟ ଗଡାଇବା ସହିତ ଆଉ ଧରା ଛୁଆଁ ଦେଇନଥିଲେ। ପରେ ବ୍ୟାଙ୍କ୍ ତରଫରୁ ଋଣ ଶୁଝିବା ପାଇଁ ତାରାଦେଇ ମହିଳା ମଣ୍ଡଳକୁ ନୋଟିସ କରିବା ସହ ବ୍ୟାଙ୍କ୍ ତାରାଦେଇ ମହିଳା ମଣ୍ଡଳ ର ଆକାଉଣ୍ଟ କୁ ନିଷ୍କ୍ରିୟ କରିଦେଇଥିଲେ। ପରେ ତାରାଦେଇ ମହିଳା ମଣ୍ଡଳର ଉଷା ମଲ୍ଲିକ,ବର୍ଷା ମଲ୍ଲିକ,ଗୀତାଞ୍ଜଳି ମଲ୍ଲିକ,ଶୁଆ ମଲ୍ଲିକ,କୁସୁମ ମଲ୍ଲିକ ଏବଂ ସୁମିତ୍ରା ଦାସ ଧରା ଛୁଆଁ ଦେଉନଥିବା ରୋମଲିନ୍ ମଲ୍ଲିକ ଙ୍କୁ ରାସ୍ତାରେ ଯାଉଥିବାର ଦେଖି ଅଟକାଇବା ସହ ତାଙ୍କୁ ନେଇ ତରାପୁର କାନାରା ବ୍ୟାଙ୍କ୍ କୁ ନେଇ ଆସିଥିଲେ। ରୋମଲିନ୍ କୁ ଉଦ୍ଧାର କରିବା ପାଇଁ ପୋଲିସ ସହାୟତା ୧୧୨ ଗାଡ଼ି ଆସି ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ସଂଖ୍ୟାଧିକ ମହିଳା ୧୧୨ କୁ ମଧ୍ୟ ଛାଡ଼ିନଥିଲେ। ଘଣ୍ଟା ଘଣ୍ଟା ଧରି ୧୧୨ ଅଟକ ରହିବା ପରେ ସଦର ପୋଲିସ କୁ ଜଣାଇଥିଲେ। ପରେ ଘଟଣା ସ୍ଥଳରେ ସଦର ପୋଲିସ ସଦଳବଳେ ପହଞ୍ଚି ୧୧୨ ସମେତ ରୋମଲିନ୍ କୁ ମଧ୍ୟ ଉଦ୍ଧାର କରି ନିଜ ହେଫାଜତ କୁ ନେଇଥିଲେ। ରୋମଲିନ୍ ୧ ମାର୍ଚ୍ଚ ୨୦୨୫ ସୁଦ୍ଧା ନେଇଥିବା ଋଣ ରୁ ୧୦ ହଜାର ଟଙ୍କା କାନାରା ବ୍ୟାଙ୍କ୍ ରେ ଜମା କରିବେ ଏବଂ ମାର୍ଚ୍ଚ ଶେଷ ସୁଦ୍ଧା ବାକି ଥିବା ସମସ୍ତ ରାଶି ପୈଠ କରିବେ ବୋଲି ଲେଖିଦେଇଥିବାରୁ ସଦର ପୋଲିସ ରୋମଲିନ୍ କୁ ଛାଡି ଦେଇଥିବା ସଦର ଥାନା ରୁ ସୂଚନା ମିଳିଛି।

# ଧର୍ମପରାୟଣ ମହିଳାଙ୍କ ପରଲୋକ



ଜଗତସିଂହପୁର ତା ୨୮/୨(ନୀପ୍ର); ଜଗତ ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ଧର୍ମପରାୟଣ ମହିଳା ଶଶୀ ଦେଇଙ୍କ ଶୁକ୍ରବାର ପରଲୋକ ହେକ୍ଷଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। କିଛି ଦିନ ଧରିସେ ଅସୁସ୍ଥ ରହି ମୃତ୍ୟୁ ସହିତ ସଂଗ୍ରାମ କରୁ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବିଭିନ୍ନ ଅଂଚଳରୁ ଲୋକ ମାନେ ପହଞ୍ଚି ମରଶରୀର ରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ। ଶଶୀ ଦେଇ ଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳି ଯାଇଥିଲା। ମୃତ୍ୟୁ ପରେ ତାଙ୍କର ଲୋକ ପ୍ରୀୟତା କେତେ ଯେ ଥିଲା ସେହି ଗହଳିରୁ ବାରି ହୋଇ ପଡୁଥିଲା। ସ୍ୱର୍ଗତ ଶଶୀ ଦେଇଙ୍କ ୬ ଝିଅ ଓ ୨ ପୁଅଛନ୍ତି। ସେ ଜଣେ ଦୃଢ଼ ମନା ଓ ପ୍ରଚଣ୍ଡ ସ୍ୱାଭିମାନୀ ମହିଳା ଭାବେ ଜନସାଧାରଣ ଙ୍କ ପ୍ରିୟ ଭାଜନ ହୋଇଥିଲେ। ଶୁକ୍ରବାର ସକାଳ ୧୧ ଘଟିକା ସମୟରେ ତାଙ୍କର ପରଲୋକ ଖବର ଜଣା ପଡିବା ପରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରୀପାଠୀ, ତାରକ ଜେନା, ପ୍ରଦ୍ୟୁମ୍ନ କୁମାର ପାଳ, ସର୍ବେଶ୍ୱର ପଟ୍ଟନାୟକ, ଜାନକୀ ବଲ୍ଲଭ ସ୍ୱାଇଁ, ସ୍ୱର୍ଗତ ଶଶୀଙ୍କ ଭାଇ ତଥା ପୂର୍ବତନ କଲେଜ ଅଧକ୍ଷ ରମା ରଞ୍ଜନ ସ୍ୱାଇଁ , ହରେ କ?ଷ୍ଣ ସ୍ୱାଇଁ ତାଙ୍କ ବାସ ଭବନରେ ପହଂଚି ଶଶୀ ଦେଇଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଶୋଭା ଯାତ୍ରାରେ ନେଇ ନିଜ ବାଡ଼ିରେ ହିଁ ଶେଷ କୃତ୍ୟ ସଂପନ୍ନ କରିଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ରବୀନ୍ଦ୍ରନାଥ ସ୍ୱାଇଁ ମୁଖକ୍ଷଗ୍ନି ଦେଇଥିଲକ୍ଷ ବେଳେ ସାଙ୍ଗରେ ସାନ ଭାଇ ବିବେକା ନନ୍ଦ ଲେଙ୍କା ବି ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ